## ସଂକ୍ଷେପରେ

### ବାଇକ୍‌କୁ ପିଟିଲା ଟ୍ରକ୍, ଡାକ୍ତର ମୃତ

**ବ୍ରହ୍ମପୁର ଅଫିସ୍/କନିଷି/ଗୋପାଳପୁର, ୨୦ା୧:** ବ୍ରହ୍ମପୁର -ବିଶାଖାପାଟଣାମ୍ ୧୬ନଂ. ଜାତୀୟ ରାଜପଥର କନିଷି ନିକଟରେ ରବିବାର ସନ୍ଧ୍ୟାରେ ଏକ ମାଲବୋଝେଇ ଟ୍ରକ୍ ଧକ୍କାରେ ଜଣେ ବାଇକ୍ ଆରୋହୀଙ୍କ ଘଟଣା ସ୍ଥଳରେ ମୃତ୍ୟୁ ଘଟିଛି । ଅନ୍ୟ ଜଣେ ବାଇକ୍ ଆରୋହୀ ଗୁରୁତର ଅବସ୍ଥାରେ ବ୍ରହ୍ମପୁର ବଡ ମେଡିକାଲରେ ଚିକିତ୍ସିତ ହେଉଛନ୍ତି । ମୃତକ ହେଲେ ବ୍ରହ୍ମପୁର ଗଜପତିନଗର ଅଷ୍ଟମ ଲେନ୍ ଅଞ୍ଚଳର ଆୟୁଷ ଡାକ୍ତର ରଜତ କୁମାର ମିଶ୍ର ଏବଂ ଗୁରୁତର ହେଲେ ତାଙ୍କ ସମ୍ପର୍କୀୟ ପ୍ରଦ୍ୟୁମ୍ନ କୁମାର ମିଶ୍ର ।
ପ୍ରକାଶ ଯେ, ରବିବାର ସନ୍ଧ୍ୟାରେ ରଜତ ଏବଂ ପ୍ରଦ୍ୟୁମ୍ନ ବାଇକ୍ ନଂ ଓଆର ୦୭କେ ୮୪୬୧ରେ ବ୍ରହ୍ମପୁର ଫେରୁଥିବା ବେଳେ ୧୬ନଂ. ଜାତୀୟ ରାଜପଥ କନିଷି ନିକଟରେ ଆନ୍ଧ୍ରପ୍ରଦେଶରୁ ବ୍ରହ୍ମପୁର ଅଭିମୁଖେ ଆସୁଥିବା ମାଲ ବୋଝେଇ ଟ୍ରକ୍ ନଂ. ଏପି ୨୬ ଟିସି ୯୯୯୯ ପଛପଟୁ ଧକ୍କା ଦେଇଥିଲା । ଫଳରେ ଘଟଣାସ୍ଥଳରେ ରଜତଙ୍କର ମୃତ୍ୟୁ ଘଟିଥିଲା । ଘଟଣା ସ୍ଥଳରେ ଅଗ୍ନିଶମ ବାହିନୀ ପହଞ୍ଚି ଗୁରୁତର ପ୍ରଦ୍ୟୁମ୍ନଙ୍କୁ ଉଦ୍ଧାର କରି ବ୍ରହ୍ମପୁର ବଡ ମେଡିକାଲରେ ଭର୍ତ୍ତି କରିଥିଲେ। ଗୋଳନ୍ଥରା ପୋଲିସ ପହଞ୍ଚି ଉଭୟ ଗାଡିକୁ ଜବତ କରି ରଜତଙ୍କ ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ପଠାଇଛି । ଏନେଇ ନଂ.୧୧/୧୯ରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଥିବା ଇନ୍ସପେକ୍ଟର ବସନ୍ତ କୁମାର ସେଠୀ ସୂଚନା ଦେଇଛନ୍ତି ।

### ଆଦିତ୍ୟ ବାହିନୀର ସ୍ୱତନ୍ତ୍ର ବୈଠକ



**ବ୍ରହ୍ମପୁର ଅଫିସ,୨୦ା୧:** ଗଞ୍ଜାମ ଜିଲା ଆଦିତ୍ୟ ବାହିନୀର ଏକ ସ୍ୱତନ୍ତ୍ର ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି । ବ୍ରହ୍ମନଗର ଅସ୍ଥାୟୀ କାର୍ଯ୍ୟାଳୟରେ ଆୟୋଜିତ ଏହି ବୈଠକରେ ଜିଲାର ତ୍ରିବାର୍ଷିକୀ ସାଙ୍ଗଠନିକ ସମିତି କରାଯାଇ କର୍ମକର୍ତ୍ତା ଚୟନ କରାଯାଇଥିଲା । କ୍ଷେତ୍ରୀୟ ସଚିବ ଉମାଶଙ୍କର ପାଣିଙ୍କ ତତ୍ତ୍ୱାବଧାନରେ ଆୟୋଜିତ ବୈଠକରେ ଜିଲା ଅଧକ୍ଷ ଭାବେ ଅଶ୍ୱିନୀ କୁମାର ପାତ୍ରଙ୍କୁ ଚୟନ କରାଯାଇଥିବା ବେଳେ ଅଖିଳ କୁମାର ସାବତଙ୍କୁ ମୁଖ୍ୟସଚିବ, ମନୋଜ କୁମାର ପାଢୀଙ୍କୁ ସଙ୍ଗଠନ ସଚିବ ଓ ଦୁର୍ଗାପ୍ରସାଦ ପଣ୍ଡାଙ୍କୁ ଜିଲା ସମ୍ପର୍କ ସଚିବ ଭାବେ ଚୟନ କରାଯାଇଥିଲା । ପୁରୀ ଗୋବର୍ଦ୍ଧନ ପୀଠ ନିର୍ଦ୍ଦେଶାନୁସାରେ କାର୍ଯ୍ୟ ଖସଡା ପ୍ରସ୍ତୁତ କରିବା ସହ ସାଙ୍ଗଠନିକ କାର୍ଯ୍ୟକ୍ରମ ପ୍ରସ୍ତୁତି, ଜିଲାର ବ୍ଲକସ୍ତରୀୟ ଶାଖା ଗଠନ ଉପରେ ଗୁରୁତ୍ୱାରୋପ କରାଯାଇଥିଲା । ଏହି ବାହିନୀର ଲକ୍ଷ୍ୟ ଓ ସନ୍ଦେଶକୁ ପ୍ରତ୍ୟେକ ପରିବାରରେ ପହଞ୍ଚାଇବାକୁ କୁହାଯାଇଥିଲା। ଚଳିତମାସ ୨୧ରେ ହେବାକୁ ଥିବା ସମୁଦ୍ର ଆଳତି କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦିଆଯାଇଥିଲା ।

## ଗଞ୍ଜାମ ଜିଲା ବିକାଶ ମଞ୍ଚର ଦାବି

# ରଙ୍ଗେଇଲୁଣ୍ଡା ଏୟାରଷ୍ଟ୍ରିପକୁ ବିମାନ ବନ୍ଦର କରାଯାଉ

**ବ୍ରହ୍ମପୁର ଅଫିସ,୨୦ା୧**

ବ୍ରିଟିଶ ଶାସନରେ ହୋଇଥିବା ରଙ୍ଗେଇଲୁଣ୍ଡା ଏୟାରଷ୍ଟ୍ରିପକୁ ବିମାନ ବନ୍ଦରରେ ପରିଣତ କରିବାରେ କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ଅବହେଳା ଅବ୍ୟାହତ ରହିଛି । ଗୋପାଳପୁର ବନ୍ଦର, ଭାରତୀୟ ବିରଳ ମୃତ୍ତିକା ସଂସ୍ଥା (ଆଇଆରଇ), କେନ୍ଦ୍ରୀୟ ଶିକ୍ଷାନୁଷ୍ଠାନ ଆଇଜର ବିଶ୍ୱ ବିଦ୍ୟାଳୟ, ମିଲିଟାରୀ କ୍ୟାଣ୍ଟନମେଣ୍ଟ ଓ ମେଡିକାଲ କଲେଜ ଆଦି ବ୍ରହ୍ମପୁର ଓ ଆଖପାଖରେ ରହିଛି । ତେଣୁ ବିମାନ ବନ୍ଦର ଏବଂ ବିମାନ ଉଡ଼ାଣ ଜରୁରୀ ଥିବାରୁ ଅଗ୍ରାଧିକାର ଭିତ୍ତିରେ ଏହା କାର୍ଯ୍ୟକାରୀ କରିବାକୁ ଗଞ୍ଜାମ ଜିଲା ବିକାଶ ମଞ୍ଚ ଦାବି କରିଛି। ଦୀର୍ଘ ବର୍ଷରୁ ଦାବି ହୋଇଥିବା ଶିଳ୍ପାଞ୍ଚଳରେ ପାସେଞ୍ଜର ଟ୍ରେନ ହଲଟ ତୁରନ୍ତ କରାଯିବା ଉପରେ ଗୁରୁତ୍ୱାରୋପ କରାଯାଇଛି ।
ବିକାଶ ମଞ୍ଚର ବ୍ରହ୍ମପୁରରେ ଅନୁଷ୍ଠିତ ୧୯ତମ ବାର୍ଷିକୋତ୍ସବରେ ଉପରୋକ୍ତ ପ୍ରସ୍ତାବ ଗୃହୀତ ହୋଇଛି । ସଭାପତି ରାଜେନ୍ଦ୍ର କୁମାର ପଣ୍ଡାଙ୍କ ଅଧକ୍ଷତାରେ ହୋଇଥିବା ଉତ୍ସବରେ ଆହୁରି ମଧ ବ୍ରହ୍ମପୁର କମିଶନରେଟ ପୋଲିସ କରାଯିବା, ସହର ତଳି ଅଞ୍ଚଳ ମହାନଗର ନିଗମରେ ସାମିଲ, ବ୍ରହ୍ମପୁର ମାଷ୍ଟର ପ୍ଲାନ ପ୍ରସ୍ତୁତ, ଟ୍ରାଫିକ ସମସ୍ୟାର ସମାଧାନ ପାଇଁ ରିଂରୋଡ ନିର୍ମାଣକୁ ତ୍ୱରିତ କରାଯିବା, ଗେଟ ବଜାର, କମାପଲ୍ଲୀ ଓ ଖଲ୍ଲିକୋଟ କଲେଜ ଛକରେ ଫ୍ଲାଏ ଓଭରବ୍ରିଜ୍ ନିର୍ମାଣ ଲାଗି ଦାବି କରାଯାଇଛି । ଉତ୍ସବରେ ବିଶିଷ୍ଟ ଶିକ୍ଷାବିତ୍ ଡ଼. ପିଏସ୍‌ଏନ୍ ପାତ୍ର ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଦୀର୍ଘବର୍ଷର ପିଇବା ପାଣିସଙ୍କଟର ସ୍ଥାୟୀ ସମାଧାନ, ଦକ୍ଷିଣ ଓଡ଼ିଶା ବିକାଶ ପରିଷଦ ଗଠନ ପାଇଁ ଦାବି ହୋଇଛି । ଏଥିରେ ରବି ରଥ, ଅଲେଖ ଚୌଧୁରୀ ଓ ଅନ୍ୟମାନେ ଯୋଗ ଦେଇଥିଲେ। ଉଚ୍ଚ ଶିକ୍ଷାନୁଷ୍ଠାନରେ ହୋଇଥିବା ଆଖିବୁଜା ଦୁର୍ନୀତିର ତଦନ୍ତ କରାଯିବା, ବଡ଼ ମେଡିକାଲରେ ରୋଗୀସେବାକୁ ବ୍ୟାପକ କରିବା ପାଇଁ ଖାଲି ପଡ଼ିଥିବା ଚିକିତ୍ସକ ପଦବୀଗୁଡ଼ିକ ଅବିଳମ୍ବେ ପୂରଣ ପାଇଁ ମଧ ମଞ୍ଚ ଦାବି କରିଛି ।

## ୫୦ ପକ୍ଷ ହେଲା ଚାଲିଛି ସଫେଇ



ସାହିବାସୀ ନିଜ ଅଞ୍ଚଳକୁ ସଫା କରୁଛନ୍ତି ।

**ବ୍ରହ୍ମପୁର ଅଫିସ୍,୨୦ା୧**

ସ୍ୱଚ୍ଛତା କଥା ସମସ୍ତେ କହୁଛନ୍ତି । ନେତାମାନେ ଭାଷଣ ମାରୁଥିବା ବେଳେ ସରକାରୀ ଅଧିକାରୀମାନେ କେବଳ କାଗଜ କଲମରେ ସଫେଇ କାର୍ଯ୍ୟ କରୁଛନ୍ତି । ଏଭଳି ସମୟରେ ନିଜ ସାହିକୁ ନିଜେ ସଫାକରି ଏକ ଉଦାହରଣ ସୃଷ୍ଟି କରିଛନ୍ତି ବ୍ରହ୍ମପୁର ସହରର ହରିକୃଷ୍ଣ ନଗର ଉନ୍ନୟନ କମିଟି ସଦସ୍ୟ। ୨୦୧୭ ଜାନୁୟାରୀରୁ କମିଟି ତରଫରୁ ଏକ ପରିମଳ ଅଭିଯାନ ଆରମ୍ଭ ହୋଇଛି। ଏହି ଅଭିଯାନରେ ପ୍ରତ୍ୟକ୍ଷ ପକ୍ଷ(ମାସକୁ ଦୁଇଥର) ସାହି ସଫେଇ କରାଯାଉଛି। ସାହିର ବରିଷ୍ଠ ନାଗରିକଙ୍କଠାରୁ ଯୁବପିଢ଼ି ଯାଏ ହାତରେ ଝାଡୁ ଧରି ନିଜ ସାହିକୁ ସଫା କରୁଛନ୍ତି । ହରିକୃଷ୍ଣ ନଗର ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ଗଳି ସହ ପ୍ରଶାନ୍ତ ନଗର ପ୍ରଥମ ଗଳିରେ ମଧ୍ୟ ଏହି ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। କେବଳ ସଫେଇ ନୁହଁ, ନିଜ ଅଞ୍ଚଳକୁ ସଫା ରଖିବା ପାଇଁ ସଚେତନତା କାର୍ଯ୍ୟକ୍ରମ ମଧ୍ୟ ଆୟୋଜିତ ହେଉଛି । ଅଳିଆ, ଆବର୍ଜନାରେ ନିଆଁ ନ ଲଗାଇବା ସହ ସାହିକୁ ସଫା ସୁତରା ରଖି ନିଜର ଓ ନିଜ ଝିଅପୁଅଙ୍କ ସ୍ୱାସ୍ଥ୍ୟ ଓ ଜୀବନକୁ ସୁରକ୍ଷା ରଖିବାକୁ ଆହ୍ୱାନ ଦିଆଯାଉଛି ।
ରବିବାର ଏହି ଅଭିଯାନ କ୍ରମରେ ୫୦ତମ ସଫେଇ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ବ୍ରହ୍ମପୁର ମହାନଗର ନିଗମର କମିଶନର ଚକ୍ରବର୍ତ୍ତି ସିଂ ରାଠୋର ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ସାହିବାସୀଙ୍କ ଏହି ଅଭିନବ ଉଦ୍ୟମକୁ ସେ ପ୍ରଶଂସା କରିଥିଲେ । ସାହିର ବିଭିନ୍ନ ସମସ୍ୟା ସମ୍ପର୍କରେ ବାସିନ୍ଦାଙ୍କୁ ପଚାରି ବୁଝିଥିଲେ । ଆଗାମୀ ଦିନରେ ସମସ୍ୟାଗୁଡ଼ିକର ସମାଧାନ କରିବାକୁ ପ୍ରତିଶ୍ରୁତି ଦେଇଥିଲେ । କମିଟି ସଭାପତି କେ.ବିଶ୍ୱେଶ୍ୱର ରାଓ ଏବଂ ସମ୍ପାଦକ ଅଶୋକ ଦାସଙ୍କ ସମେତ ବହୁ ସାହିବାସୀ ଉପସ୍ଥିତ ଥିଲେ ।

## ମିଳିତ କ୍ରିୟାନୁଷ୍ଠାନ କମିଟିର ମଧୁମେହ ସଚେତନତା ଶିବିର



ମଧୁମେହ ସଚେତନତା ଶିବିରରେ ଉପସ୍ଥିତ ଶିବିରାର୍ଥୀ ।

**ବ୍ରହ୍ମପୁର ଅଫିସ,୨୦ା୧**

ବ୍ରହ୍ମପୁର ସହରତଳି ଅଞ୍ଚଳର ନାଗରିକ ପ୍ରତିନିଧିଙ୍କୁ ନେଇ ଗଠିତ ମିଳିତ କ୍ରିୟାନୁଷ୍ଠାନ କମିଟି ଓ ଏଣ୍ଡୋକ୍ରାଇନୋଲୋଜି କେନ୍ଦ୍ର ମିଳିତ ସହଯୋଗରେ ମଧୁମେହ ରୋଗ ପରାମର୍ଶ ଓ ସଚେତନତା, ଚିକିତ୍ସା ଶିବିର ଲୋଚାପଡା ରଘୁନାଥ ମନ୍ଦିରର ରଘୁନନ୍ଦନ କଲ୍ୟାଣ ମଣ୍ଡପରେ ରବିବାର ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ମଧୁମେହ ରୋଗର କାରଣ ଓ ନିରାକଣ ଉପରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ଆର.କେ ଡାଇବେଟିସ ଓ ଏଣ୍ଡୋକ୍ରାଇନୋଲୋଜି କେନ୍ଦ୍ର ମୁଖ୍ୟ ତଥା ଏମ୍‌କେସିଜି ମେଡିକାଲ କଲେଜ ସହକାରୀ ପ୍ରଫେସର ଡା. ପି. ରବି କୁମାର ଯୋଗଦେଇ ମଧୁମେହର କାରଣ, ନିରାକରଣ ଓ ପ୍ରକାରଭେଦ ଉପରେ ବିସ୍ତୃତ ଭାବେ ଆଲୋକପାତ କରିଥିଲେ । ଶୃଙ୍ଖଳିତ ଜୀବନଚର୍ଯ୍ୟା, ଚିନ୍ତାମୁକ୍ତ ମନ ଏବଂ ରୋଗ ସମ୍ପର୍କରେ ସଚେତନତା ହିଁ ଏହି ରୋଗ ପ୍ରତିରୋଧର ଏକମାତ୍ର ପନ୍ଥା ବୋଲି ସେ ମତବ୍ୟକ୍ତ କରିଥିଲେ । କମିଟି ସଭାପତି ସଞ୍ଜୀବ କୁମାର ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ପରିଚାଳିତ କାର୍ଯ୍ୟକ୍ରମରେ ସଂଯୋଜକ ସିଏଚ୍ ରାମକୃଷ୍ଣ ଦାଶ ଓ ଡା. ଶିବ ପ୍ରସାଦ ମିଶ୍ର ପ୍ରମୁଖ ଅତିଥି ଭାବେ ଯୋଗଦେଇ ଶିବିରକୁ ଶୁଭାରମ୍ଭ କରିଥିଲେ । କୁକୁଡାଖଣ୍ଡି ବ୍ଲକ ଉପାଧକ୍ଷା ଲକ୍ଷ୍ମୀପ୍ରିୟା ସାହୁ ଉପସ୍ଥିତ ଥିଲେ । ଶିବିରରେ ୧୬୦ଜଣଙ୍କ ସର୍କରା, ୟୁରିକ ଏସିଡ, ଉଚ୍ଚରକ୍ତଚାପ ପରୀକ୍ଷା କରାଯିବା ସହ ପରାମର୍ଶ ଦିଆଯାଇଥିଲା । କାର୍ଯ୍ୟକ୍ରମକୁ ହରିହର ନାୟକ, ବି.ଭି. ସାଗର, କିଶୋର ଚନ୍ଦ୍ର ବାରିକ, ରବୀନ୍ଦ୍ର କୁମାର ନାୟକ, ସୁବାସ ପାତ୍ର, ନାରାୟଣ ଚନ୍ଦ୍ର ପରିଚ୍ଛା, ଡା. ସାଗର ରଞ୍ଜନ ତ୍ରିପାଠୀ, ସନ୍ତୋଷ କୁମାର ସାହୁ ଓ ବସନ୍ତ ପାଳ ପ୍ରମୁଖ ପରିଚାଳନା କରିଥିଲେ ।

## ନୀଳକଣ୍ଠେଶ୍ୱର ସେବା ପ୍ରତିଷ୍ଠାନର ନୂଆ କର୍ମକର୍ତ୍ତା

**ବ୍ରହ୍ମପୁର ଅଫିସ,୨୦ା୧**

ସ୍ଥାନୀୟ ନୀଳକଣ୍ଠେଶ୍ୱର ସେବା ପ୍ରତିଷ୍ଠାନର ବାର୍ଷିକ ଅଧିବେଶନ ବିଜୟ କୁମାର ବେହେରାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ନୂଆ କର୍ମକର୍ତ୍ତାଙ୍କୁ ।ସର୍ବସମ୍ମତିକ୍ରମେ ଚୟନ କରାଯାଇଥିଲା । ରଘୁନାଥ ସୁବୁଦ୍ଧି ସଭାପତି ହୋଇଥିବା ବେଳେ କେ. ହରି ନାରାୟଣ ସୁବୁଦ୍ଧି ଉପସଭାପତି, ଏସ୍. ଦଣ୍ଡପାଣି କାର୍ଯ୍ୟକାରୀ ସଭାପତି ହୋଇଛନ୍ତି। ସମ୍ପାଦକ ଭାବେ ଦାଶରଥୀ ବେହେରା, ସହ ସମ୍ପାଦକ ବି. ପ୍ରଶାନ୍ତ ପାତ୍ର ଓ ପ୍ରମୋଦ କୁମାର ସେଠୀ କୋଷାଧକ୍ଷ ହୋଇଛନ୍ତି । ବିଜୟ କୁମାର ବେହେରା ଓ ଉପେନ୍ଦ୍ର ପାଣିଗ୍ରାହୀଙ୍କୁ ଉପଦେଷ୍ଟା କରାଯାଇଛି। କାର୍ଯ୍ୟକାରିଣୀ ସଦସ୍ୟ ଭାବେ ବିପ୍ର ଚରଣ ପଲେଇ, ପଙ୍କଜ ପାଣିଗ୍ରାହୀ, ପ୍ରଫୁଲ୍ଲ ବେହେରା, କୁମାର ବେହେରା ଓ ରାମଚନ୍ଦ୍ର ସାହୁଙ୍କୁ ମନୋନୀତ କରାଯାଇଛି। ମନ୍ଦିରର ସୁପରିଚାଳନା ନିମନ୍ତେ ନୂଆ କର୍ମକର୍ତ୍ତାମାନେ ନିଷ୍ଠାପର ଉଦ୍ୟମ ଚଳାଇବା ଉପରେ ସହମତି ପ୍ରକାଶ ପାଇଥିଲା । ରାଜେଶ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ ।

## ଲାଲ୍ ବର୍ଦ୍ଦି କୁଲି ୟୁନିୟନ୍‌ର ବୈଠକ



ବୈଠକରେ ଉପସ୍ଥିତ କୁଲିମାନେ ।

**ବ୍ରହ୍ମପୁର ଅଫିସ୍,୨୦ା୧**

ବ୍ରହ୍ମପୁର ଲାଲ୍‌ବର୍ଦ୍ଦି କୁଲି ୟୁନିୟନ୍‌ର ଏକ ବୈଠକ ଷ୍ଟେଶନ୍ ନିକଟ ତ୍ରିନାଥ ମନ୍ଦିରରେ ରବିବାର ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ କୁଲିମାନଙ୍କ ବିଭିନ୍ନ ସମସ୍ୟା ଆଲୋଚନା ହୋଇଥିଲା । ୨୦୦୮ରେ କେନ୍ଦ୍ର ସରକାରଙ୍କ ପକ୍ଷରୁ କୁଲିମାନଙ୍କୁ ଗ୍ୟାଙ୍ଗ୍‌ମ୍ୟାନ୍ ଏବଂ ଗ୍ରୁପ୍-ଡି କର୍ମଚାରୀ ଭାବେ ଭର୍ତ୍ତି କରାଯାଇଥିଲା। କିନ୍ତୁ ତାହା ପରେ ଆଉ ନିଯୁକ୍ତି ଦିଗରେ କୌଣସି ପଦକ୍ଷେପ ନିଆଯାଇ ନାହିଁ । ଦୈନିକ ଶହେରୁ ୧୫୦ଟଙ୍କା ରୋଜଗାର କରିବା କଷ୍ଟ ହେଉଛି । କାରଣ ଷ୍ଟେଶନ୍‌ରେ ଲିଫ୍ଟ, ବ୍ୟାଟେରି ଚାଳିତ ଗାଡ଼ି, ର୍‍ୟାମ୍ପ ବ୍ୟବସ୍ଥା ହୋଇଗଲାଣି। ଆଟାଚ୍‌ଗୁଡ଼ିକରେ ମଧ୍ୟ ଚକା ଲାଗୁଛି। ଫଳରେ ଯାତ୍ରୀମାନେ ସହଜରେ ନିଜ ସାମଗ୍ରୀ ନିଜେ ଗୋଟିଏ ଜାଗାରୁ ଆଉ ଗୋଟିଏ ଜାଗାକୁ ନେଇ ପାରୁଛନ୍ତି। କୁଲିମାନଙ୍କର ଆବଶ୍ୟକତା ପଡୁନି। ରୋଜଗାର କମୁଛି । ଘର ଚଳେଇବା କଷ୍ଟ ହେଉଛି । ପିଲାମାନଙ୍କ ପାଠପଢ଼ା ପାଇଁ ମଧ୍ୟ ଟଙ୍କା ନାହିଁ। ରେଲୱେରେ ନିଯୁକ୍ତି ପାଇଁ ଅଲ୍ ଇଣ୍ଡିଆ ଲାଲ୍‌ବର୍ଦ୍ଦି କୁଲି ୟୁନିୟନ୍ ତରଫରୁ ସରକାରଙ୍କ ନିକଟରେ ବାରମ୍ବାର ଦାବି କରାଯାଇଛି। ତଥାପି କୌଣସି ପଦକ୍ଷେପ ନିଆଯାଇନାହିଁ । ଯାହାକୁ ନେଇ ବୈଠକରେ ଅସନ୍ତୋଷ ଦେଖାଦେଇଥିଲା। ଆଗାମୀ ଦିନରେ ଆନ୍ଦୋଳନ ପାଇଁ ଆଲୋଚନା ହୋଇଥିଲା। ବୈଠକରେ ସିଏଚ୍. ନାଗେଶ ପାତ୍ର, ବି.ଜଗା, ଏ.ଅରୁଣ ପାତ୍ର, ଏ.ତ୍ରିପତି ପାତ୍ର, ଜେ.ଲୋକନାଥ ପାତ୍ର, ଜି.ସନ୍ତୋଷ ପାତ୍ର, ଏ. ସନ୍ତୋଷ ପାତ୍ର, ପି.ଲାଛେୟା, ଡି.ଉମା ଓ ରବୀନ୍ଦ୍ର ପାତ୍ରଙ୍କ ସମେତ ବହୁ କୁଲି ଉପସ୍ଥିତ ଥିଲେ ।

## ଏନ୍‌ଏମ୍‌ଓପିଏସ୍ ବୈଠକ: ପୁରୁଣା ପେନ୍‌ସନ୍ ଲାଗୁ ଦାବି

**ବ୍ରହ୍ମପୁର ଅଫିସ୍,୨୦ା୧**




ସଭାରେ ମଞ୍ଚାସିନ ଅତିଥି ଏବଂ ସଂଗଠନର କର୍ମକର୍ତ୍ତା ।

ବ୍ରହ୍ମପୁର ଏମ୍‌କେସିଜି ମେଡ଼ିକାଲ୍ କଲେଜସ୍ଥିତ ନର୍ସିଂ ସ୍କୁଲରେ ନ୍ୟାଶନାଲ୍ ମୁଭ୍‌ମେଣ୍ଟ ଫର୍ ଓଲ୍ଡ ପେନ୍‌ସନ୍ ସ୍କିମ୍(ଏନ୍‌ଏମ୍‌ଓପିଏସ୍) ତରଫରୁ ଏକ ବୈଠକ ରବିବାର ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ନୂତନ ପେନସନ ହଟାଇ ପୁରୁଣା ପେନସନ ଲାଗୁ କରିବାକୁ ଦାବି କରାଯାଇଥିଲା। ଏଥିରେ ରାଜ୍ୟ ସରକାରଙ୍କ ଅଧୀନରେ କାର୍ଯ୍ୟରତ ବିଭିନ୍ନ ବିଭାଗର ପ୍ରାୟ ଶହେରୁ ଅଧିକ କର୍ମଚାରୀ ଭାଗ ନେଇଥିଲେ। ଦାବି ସମ୍ବଳିତ ପୋଷ୍ଟକାର୍ଡ଼ରେ ବାର୍ତ୍ତା ଲେଖି ପ୍ରଧାନମନ୍ତ୍ରୀଙ୍କ ପାଖକୁ ପଠାଇବାକୁ ନିଷ୍ପତ୍ତି ନିଆଯାଇଥିଲା। ତଥାପି ଯଦି ପୁରୁଣା ପେନ୍‌ସନ୍ ବ୍ୟବସ୍ଥା ଲାଗୁ କରା ନ ଯାଏ ତେବେ ଫେବୃୟାରୀରେ ବିଧାନସଭା ସମ୍ମୁଖରେ ଆନ୍ଦୋଳନ କରିବାକୁ ନିଷ୍ପତ୍ତି ନିଆଯାଇଛି। ଏନ୍‌ଏମ୍‌ଓପିଏସ୍‌ର ରାଜ୍ୟ କୋଷାଧ୍ୟକ୍ଷ ଏସ୍.କିଶୋର କୁମାର ପଟ୍ଟନାୟକ ଏହି ସଭାରେ ଅଧ୍ୟକ୍ଷତା କରିଥିଲେ। ଓଡ଼ିଶା ରାଜ୍ୟ ଅଣଗେଜେଟେଡ଼ କର୍ମଚାରୀ ସମନ୍ୱୟ ସମିତି ସାଧାରଣ ସମ୍ପାଦକ ବ୍ରଜକିଶୋର ନନ୍ଦ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ନୂଆ ପେନସନ ଓ ପୁରୁଣା ପେନସନ ଭିତରେ ଥିବା ଅସୁବିଧା ସମ୍ପର୍କରେ ଆଲୋଚନା କରିଥିଲେ। ସମ୍ମାନିତ ଅତିଥିଭାବେ ଜ୍ୟୋତିରଞ୍ଜନ ପଟ୍ଟନାୟକ, ପ୍ରସନ୍ନ ତ୍ରିପାଠୀ, ରବୀନ୍ଦ୍ର ନାଥ ପ୍ରଧାନ ପ୍ରମୁଖ ମଞ୍ଚାସୀନ ଥିଲେ । ଏନ୍‌ଏମ୍‌ଓପିଏସର କର୍ମକର୍ତ୍ତା ଅନନ୍ତ ନାରାୟଣ ମହାନ୍ତି, ଶିବାନୀ ଦାସ, ସୁଦାମ ଦଳକର, ଉପସଭାପତି ବିଷ୍ଣୁ ନାରାୟଣ ପଣ୍ଡା, ଜଗନ୍ନାଥ ସାମଲ, ଦିଲୀପ ପଲେଇ, ତାପସ କୁମାର ବେହେରା, ସୁଦାମ ପାତ୍ର, ରଞ୍ଜନ ବେଜ ଏବଂ ସନ୍ତୋଷ ପଣ୍ଡିତଙ୍କ ସମେତ ଅନ୍ୟ କର୍ମକର୍ତ୍ତାମାନେ ସହଯୋଗ କରିଥିଲେ ।

## କେସି ହାଇସ୍କୁଲ ପୁରାତନ ଛାତ୍ରସଂଘର ରୌପ୍ୟ ଜୟନ୍ତୀ

# ସ୍କୁଲର ପୂର୍ବଗୌରବ ଫେରାଇ ଆଣିବାକୁ ଆହ୍ୱାନ



ପୁରାତନ ଛାତ୍ର ସଂଘର କର୍ମକର୍ତ୍ତା ।

**ବ୍ରହ୍ମପୁର ଅଫିସ,୨୦ା୧**

ଗୋଷାଣୀନୂଆଗାଁ କେସି ହାଇସ୍କୁଲ ୧୯୯୪ ବ୍ୟାଚ ପୁରାତନ ଛାତ୍ରସଂଘର ରୌପ୍ୟ ଜୟନ୍ତୀ ରବିବାର ଅନୁଷ୍ଠିତ ହୋଇଯାଇଛି। ପୁରୁଣା ବସଷ୍ଟାଣ୍ଡସ୍ଥ ଏକ ଘରୋଇ ହୋଟେଲ ସମ୍ମିଳନୀ କକ୍ଷରେ ଆୟୋଜିତ କାର୍ଯ୍ୟକ୍ରମରେ କେସି ହାଇସ୍କୁଲର ଅବସରପ୍ରାପ୍ତ ଶିକ୍ଷକ କୃଷ୍ଣଚନ୍ଦ୍ର ପାଢୀ, ତ୍ରିନାଥ ମହାରଣା, ବାଳକୃଷ୍ଣ ତ୍ରିପାଠୀ, ସନ୍ତୋଷ କୁମାର ମିଶ୍ର, ଅମିୟ ରଞ୍ଜନ ପ୍ରହରାଜ, ଚିତ୍ତରଞ୍ଜନ ପଣ୍ଡା, ରବୀନ୍ଦ୍ରନାଥ ପଣ୍ଡା, ଜୟପ୍ରକାଶ ପଣ୍ଡାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଐତିହାସିକ ହାଇସ୍କୁଲକୁ ସରକାରୀକରଣ କରାଇବା ନେଇ ଚାଲିଥିବା ଆନ୍ଦୋଳନକୁ ପୁରାତନ ଛାତ୍ରସଂଘ କର୍ମକର୍ତ୍ତାମାନେ ସମର୍ଥନ କରିବା ସହ ଏଥିରେ ସାମିଲ ହେବାକୁ ସହମତି ପ୍ରକାଶ କରିଥିଲେ । କେସି ହାଇସ୍କୁଲର ପୂର୍ବ ଗୌରବ ଫେରାଇ ଆଣିବା ସହ ବେଆଇନ ଭାବେ ଚାଲିଥିବା ଇଂଲିଶ ମାଧ୍ୟମ ସ୍କୁଲକୁ ହଟାଇବା ଦିଗରେ ମାର୍ଚ୍ଚ ମାସରେ ସଂସ୍କାରବାଦୀ ଓ ବରିଷ୍ଠ ନାଗରିକ ମଞ୍ଚର ମିଳିତ ଉଦ୍ୟମରେ ପୁନଃ ଆନ୍ଦୋଳନ କରାଯିବାକୁ ସୂଚନା ଦିଆଯାଇଥିଲା । ମନୋରଞ୍ଜନ ମହାରଣା, ପ୍ରଦୀପ ବାଡତ୍ୟା, ପ୍ରଶାନ୍ତ ଭୂୟାଁ, ରଞ୍ଜିତ ମହାନ୍ତି, ସୁଧୀର ପଣ୍ଡା ଓ ସନ୍ତୋଷ ସାବତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ଡା.ଏମ୍.ସି. ଦଣ୍ଡପାଟ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ

# ଟାଇ ପରେ ଟସ୍: ଅକ୍ସଫୋର୍ଡ଼ ଚାମ୍ପିୟନ୍

**ବ୍ରହ୍ମପୁର ଅଫିସ୍,୨୦ା୧**

ବ୍ରହ୍ମପୁର ଷ୍ଟାଡିୟମ୍‌ରେ ଚାଲିଥିବା ଦ୍ୱିତୀୟ ଡା.ଏମ୍.ସି. ଦଣ୍ଡପାଟ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି । ଟୁର୍ନାମେଣ୍ଟର ଫାଇନାଲ୍ ମ୍ୟାଚ୍ ଅକ୍ସଫୋର୍ଡ଼ କ୍ରିକେଟ କ୍ଲବ ଏବଂ ଲିଡ୍‌ସ ସ୍ପୋର୍ଟିଂ କ୍ଲବ ମଧ୍ୟରେ ଖେଳାଯାଇଥିଲା । ତେବେ ମ୍ୟାଚ୍ ଟାଇ ହୋଇଯାଇଥିଲା । ଫଳାଫଳ ଜାଣିବା ପାଇଁ ଟସ୍‌ର ସାହାଯ୍ୟ ନିଆଯାଇଥିଲା ଏଥିରେ ଅକ୍ସଫୋର୍ଡ଼ ଜିତି ଚାମ୍ପିୟନ୍ ହୋଇଥିଲା ।
ନକ୍‌ଆଉଟ୍ ସ୍ତରରେ ଭଲ ପ୍ରଦର୍ଶନ ଯୋଗୁ ଉଭୟ ଦଳ ଚାମ୍ପିୟନ୍ ହେବାକୁ ପ୍ରବଳ ଦାବିଦାର ଥିଲେ । ଟସ୍ ଜିଣି ଅକ୍ସଫୋର୍ଡ଼ ପ୍ରଥମେ ବ୍ୟାଟିଂ କରିଥିଲା । ଦଳ ନିର୍ଦ୍ଧାରିତ ୩୦ ଓଭର୍‌ରେ ୯ ଉଇକେଟ୍ ହରାଇ ୧୬୦ରନ୍ କରିଥିଲା । ତାପସ ପାତ୍ର ସର୍ବାଧିକ ୩୬ ରନ, ଜି.ନବୀନ ୨୯ ଏବଂ ଅଜିତ ସେଠୀ ୨୭ରନ୍ କରିଥିଲେ। ଲିଡ୍‌ସର ଜିତେନ୍ଦ୍ର ତ୍ରିପାଠୀ ୪ ଉଇକେଟ୍ ନେଇଥିଲେ। ଆବଶ୍ୟକ ରନ୍‌ର ପିଛାକରି ଲିଡ୍‌ସ ଆକ୍ରମଣାତ୍ମକ ବ୍ୟାଟିଂ କରିଥିଲା। ୨୯ଓଭର୍ ଶେଷ ସୁଦ୍ଧା ଦଳ ୧୬୯ରନ୍ କରି ୮ଟି ଉଇକେଟ୍ ହରାଇଥିଲା । ସିଦ୍ଧାନ୍ତ କ୍ୱେ' ୪୩, ସତ୍ୟବ୍ରତ ସାହୁ ୪୦ ଏବଂ ଦୁର୍ଗା ପ୍ରସାଦ ପଟ୍ଟନାୟକ ୩୦ରନ୍ କରିଥିଲେ। ଶେଷ ଓଭର୍‌ରେ ଜିତିବା ପାଇଁ ଦୁଇ ରନ୍‌ର ଆବଶ୍ୟକତା ଥିବା ବେଳେ ହାତରେ ଦୁଇଟି ଉଇକେଟ୍ ଥିଲା। ପ୍ରଥମ ବଲ୍‌ରେ ଏକ ରନ୍ ହୋଇଥିଲା। କିନ୍ତୁ ଆଉ ଏକ ରନ୍ କରିବା ଉଦ୍ୟମରେ ଦଳର ଦୁଇଜଣ ବ୍ୟାଟ୍‌ସ ମ୍ୟାନ୍ ରନ୍ ଆଉଟ୍ ହୋଇଯାଇଥିଲେ। ମ୍ୟାଚ୍ ଟାଇରେ ଶେଷ ହୋଇଥିଲା । ବାଇ-ଲ' ପ୍ରକାରେ ମ୍ୟାଚ୍ ଫଳାଫଳ ଜାଣିବା ପାଇଁ ଟସ୍‌ର ସାହାଯ୍ୟ ନିଆଯାଇଥିଲା। ଅକ୍ସଫୋର୍ଡ଼ ଟସ୍ ଜିଣିବା ପରେ ଦଳକୁ ଚାମ୍ପିୟନ୍ ଘୋଷଣା କରାଯାଇଥିଲା ।
ଏହା ପରେ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଚନ୍ଦ୍ରଶେଖର ସାହୁ, ସମ୍ମାନିତ ଅତିଥି ବିଡ଼ିଏ ଅଧ୍ୟକ୍ଷ ସୁବାସ ମହାରଣା ଏବଂ ମୁଖ୍ୟବକ୍ତା ବିଜେଡ଼ି ନେତା ବିକ୍ରମ ପଣ୍ଡା ଯୋଗ ଦେଇଥିଲେ। ଚାମ୍ପିୟନ୍ ଦଳକୁ ଟ୍ରଫି ସହ ୧୫ହଜାର ଟଙ୍କା ଏବଂ ରନର୍ସଅପ୍ ଦଳକୁ ଟ୍ରଫି ସହ ୧୦ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ସେହିଭଳି ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଭାବେ ଅକ୍ସଫୋର୍ଡ଼ର ସନ୍ତୋଷ ରେଡ୍ଡୀ, ଶ୍ରେଷ୍ଠ ବ୍ୟାଟସମ୍ୟାନ୍ ଭାବେ ଲିଡ୍‌ସର ସତ୍ୟବ୍ରତ ସାହୁ, ଶ୍ରେଷ୍ଠ ବୋଲର୍ ଭାବେ ଅକ୍ସଫୋର୍ଡ଼ର ସନ୍ତୋଷ ରେଡ୍ଡୀ, ଶ୍ରେଷ୍ଠ ଫିଲଡର୍ ଭାବେ ଲିଡ୍‌ସର ଈଶ୍ୱର ପ୍ରସାଦ, ଲିଡ୍‌ସର ଜିତେନ୍ଦ୍ର ତ୍ରିପାଠୀଙ୍କୁ ମ୍ୟାନ୍ ଅଫ୍ ଦି ସିରିଜ୍, ଶ୍ରେଷ୍ଠ କିପର୍ ଭାବେ ଅକ୍ସଫୋର୍ଡ଼ର ଶ୍ରୀକାନ୍ତ ପ୍ରଧାନ, ଶ୍ରେଷ୍ଠ ଉଦୟମାନ୍ ତାରକା ଭାବେ ଜୁନିୟର୍ କ୍ରିକେଟ କ୍ଲବର ବାସୁଦେବ ସାହୁ ଏବଂ ଓଡ଼ିଶା ୧୯ବର୍ଷରୁ କମ୍ ଦଳରେ ସ୍ଥାନ ପାଇଥିବା ସମୀର ସାହୁଙ୍କୁ ପୁରସ୍କୃତ କରାଯାଇଥିଲା । ଅମ୍ପାୟର ଭାବେ କେ.ଜଗନ୍ନାଥ ଏବଂ ପ୍ରସନ୍ନ ପାଢୀ ପରିଚାଳନା କରିଥିବା ବେଳେ ସନ୍ଦୀପ ମୂର୍ତ୍ତି ଏବଂ ସୁବ୍ରତ କୁଜୁର ସ୍କୋରର ଦାୟିତ୍ୱରେ ଥିଲେ । ଆୟୋଜକ କ୍ଲବ ସଭାପତି ସୁନିଲ କୁମାର ସାହୁ, ସମ୍ପାଦକ ମନୋଜ ଦଣ୍ଡପାଟଙ୍କ ସମେତ ଅନ୍ୟ ସଦସ୍ୟମାନେ ପରିଚାଳନାରେ ସହଯୋଗ କରିଥିଲେ ।




ଅତିଥିଙ୍କ ଗହଣରେ ଟ୍ରଫି ସହ ଅକ୍ସଫୋର୍ଡ଼ ଦଳର ଖେଳାଳିମାନେ ।

## ସଂକ୍ଷେପରେ

### ବାଇକ୍ ଜବତ, ଜଣେ ଗିରଫ

ବୁଗୁଡ଼ା,୨୦।୧(ଡି.ଏନ.ଏ.)-ବୁଗୁଡ଼ା ପୋଲିସ ଶନିବାର ଅପରାହ୍ନରେ ପେଟ୍ରୋଲିଂ କରୁଥିବା ବେଳେ ଗୋଟିଏ ଚୋରା ବାଇକକୁ ଜବତ କରିବା ସହ ଆରୋହୀଙ୍କୁ ଗିରଫ କରି ରବିବାର କୋର୍ଟଚାଲାଣ କରିଛି । ସେ ହେଲେ ଜଗନ୍ନାଥପ୍ରସାଦ ଥାନା ତେନ୍ତୁଳିଆ ଗ୍ରାମର ଶିବରାମ ପରିଚ୍ଛା। ଏ ନେଇ ବୁଗୁଡ଼ା ଥାନାରେ ନଂ. ୧୪/୧୯ରେ ଏକ ମାମଲା ରୁଜୁ ହୋଇଛି। ଶିବରାମ ବାଇକ୍‌ରେ କରସିଙ୍ଗିରୁ କରଚୁଲି ଆଡ଼କୁ ଦ୍ରୁତ ଗତିରେ ଆସୁଥିବା ବେଳେ ପୋଲିସ ବାଇକ ଆରୋହୀଙ୍କୁ ଅଟକାଇଥିଲା। କିନ୍ତୁ ସେ ନ ରଖିବାରୁ ପୋଲିସ ସନ୍ଦେହ କରି ଆରୋହୀଙ୍କ ପିଛା କରି ଧରିଥିଲା।

### ଖେମୁଣ୍ଡି କଲେଜ ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ

ଦିଗପହଣ୍ଡି,୨୦।୧(ଡି.ଏନ.ଏ.): ଦିଗପହଣ୍ଡିସ୍ଥିତ ଖେମୁଣ୍ଡି କଲେଜର ୩୪ତମ ବାର୍ଷିକ କ୍ରୀଡା ଉତ୍ସବ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଯୁକ୍ତ ୩ ବିଭାଗରେ ବଳରାମ ସେଠୀ ଓ ଏଲ. ଶିବ ରେଡ୍ଡୀ ଯୁଗ୍ମ ଚାମ୍ପିୟନ ହୋଇଥିବାବେଳେ ଯୁକ୍ତ ୨ ସ୍ତରରେ ଛାତ୍ରୀ ତିଳେଶ୍ୱରୀ ମଣ୍ଡଳ ଓ ଛାତ୍ର ଇ. ଦୀପକ କୁମାର ଯୁଗ୍ମ ଚାମ୍ପିୟନ ହୋଇଛନ୍ତି। କଲେଜ ସହକାରୀ ଅଧକ୍ଷା ଡ. ହରପ୍ରିୟା ପଟ୍ଟନାୟକଙ୍କ ସଂଯୋଜନାରେ ଆୟୋଜିତ କ୍ରୀଡା ଉତ୍ସବକୁ ଅଧକ୍ଷ ମୁରଲୀଧର ପ୍ରଧାନ ଉଦ୍‌ଘାଟନ କରିଥିଲେ। ବ୍ରହ୍ମପୁର ଆଞ୍ଚଳିକ ଉଚ୍ଚଶିକ୍ଷା ବିଭାଗ ପ୍ରଫେସର ଶେଷଦେବ ସାହୁ ମୁଖ୍ୟଅତିଥିଭାବେ ଯୋଗଦେଇ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ସମ୍ମାନିତ ଅତିଥି ଭାବେ କଲେଜ କ୍ରୀଡା ସଂସଦ ଉପସଭାନେତ୍ରୀ ଅଧାପିକା ସିଏଚ୍ ଶାନ୍ତା କୁମାରୀ, ଅଧାପକ ହିମାଂଶୁ ଶେଖର ମିଶ୍ର, ମାନସ ରଞ୍ଜନ ସାହୁ, ପ୍ରଭଞ୍ଜନ ପଣ୍ଡା, ତ୍ରିଲୋଚନ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। କ୍ରୀଡା ଶିକ୍ଷକ ସୀତାରାମ ମୂର୍ତ୍ତି, ପ୍ରଦୀପ ପ୍ରଧାନ, କେ. ଜଗନ୍ନାଥ ପ୍ରସାଦ, ତ୍ରିପତି ବିଶୋୟୀ, ରାମକୃଷ୍ଣ ପାଣିଗ୍ରାହୀଙ୍କ ସମେତ ସମସ୍ତ ଅଧାପିକା ଅଧାପକ ଓ କର୍ମଚାରୀବୃନ୍ଦ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### 'ମୋ ଭବିଷ୍ୟତ ସୁରକ୍ଷା' କାର୍ଯ୍ୟକ୍ରମ




ଧରାକୋଟ,୨୦।୧(ଡି.ଏନ.ଏ.): ଧରାକୋଟ ବ୍ଲକରେ ବିଜୁ ଛାତ୍ର ଜନତା ଦଳ ତରଫରୁ କେନ୍ଦ୍ର ସରକାରଙ୍କ ଅନୁସୂଚିତ ଜାତି ଛାତ୍ରୀଛାତ୍ର ବିରୋଧୀ ନୀତି ପ୍ରତିବାଦରେ ମୋ ଭବିଷ୍ୟତ ସୁରକ୍ଷା ସ୍ୱାକ୍ଷର ଅଭିଯାନ ସ୍ଥାନୀୟ ଅନନ୍ତ ନାରାୟଣ ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ବିଜୁ ଛାତ୍ର ଜନତା ଦଳ ସଭାପତି ମାନସରଞ୍ଜନ ଜେନାଙ୍କ ନେତୃତ୍ୱରେ ବହୁ ଛାତ୍ରୀ ଏହି ଅଭିଯାନରେ ସାମିଲ ଥିଲେ। କାର୍ଯ୍ୟକ୍ରମରେ ଉପସଭାପତି ଅଭୟ ସ୍ୱାଇଁ, ପୂର୍ବତନ ସରପଞ୍ଚ ଦିଲୀପ କୁମାର ସ୍ୱାଇଁ, ଗିରିଜା ପ୍ରସାଦ ଦାସ, ସୁନୀଲ ଚନ୍ଦ୍ର ସ୍ୱାଇଁ ପ୍ରମୁଖ ଯୋଗ ଦେଇ କେନ୍ଦ୍ର ସରକାରଙ୍କ ନୀତିକୁ ତୀବ୍ର ବିରୋଧ କରିଥିଲେ। ଏଥିରେ ଅଞ୍ଚଳର ବହୁ ଛାତ୍ରୀଛାତ୍ର ଯୋଗ ଦେଇଥିଲେ । ତୁରନ୍ତ ପୂର୍ବ ପ୍ରଚଳିତ ଛାତ୍ର ବୃତ୍ତି ନିୟମକୁ ଲାଗୁ କରାଯାଉ ବୋଲି ଉପସ୍ଥିତ ଛାତ୍ରୀଛାତ୍ରମାନେ ଦାବି କରିଥିଲେ।

### କ୍ରିକେଟ୍ ଟୁର୍ନାମେଣ୍ଟ



ହାତୀଓଟ,୨୦।୧: ପୋଲସରା ବ୍ଲକ ହାତୀଓଟ ଗ୍ରାମରେ ଥିବା ବୃଦ୍ଧାଶ୍ରମ ନିକଟସ୍ଥ ଉଲୁକପଲ୍ଲୀ ଆମ୍ବତୋଟାରେ ପ୍ରାଣଦେଇପୁର ଗ୍ରାମର କନକଦୁର୍ଗା ଯୁବକ ସଂଘ ପକ୍ଷରୁ ଗ୍ରାମ୍ୟ ସ୍ତରୀୟ କ୍ରିକେଟ୍ ଟୁର୍ନାମେଣ୍ଟ ଆରମ୍ଭ ହୋଇଯାଇଛି। ଏହାକୁ ସ୍ଥାନୀୟ ଯୁବ ବ୍ୟବସାୟୀ ଶିବରାମ ପାଢ଼ୀଙ୍କ ଦ୍ୱାରା ଉଦ୍‌ଘାଟନ କରାଯାଇଛି। ଏଥିରେ ୧୧ଟି ଦଳ ଅଂଶଗ୍ରହଣ କରିଛନ୍ତି। ଏହି ମ୍ୟାଚ୍ ରାଣିପଡା ଗ୍ରାମ ସହ ଭାଟଖାଲି ଓ ରୁମାଗଡ ସହ ଝିଟିକାବାଡି ଖେଳାଳିଙ୍କ ମଧ୍ୟରେ ହୋଇଥିଲା। ପ୍ରଥମ ଦିନ ମ୍ୟାଚରେ ଝିଟିକାବାଡି ଓ ଭାଟଖାଲି ବିଜୟୀ ହୋଇଥିଲେ। ପ୍ରଥମକରି ଏହି ଗ୍ରାମରେ ଏକ ଗ୍ରାମ୍ୟ ସ୍ତରୀୟ କ୍ରିକେଟ୍ ଟୁର୍ନାମେଣ୍ଟ କନକଦୁର୍ଗା ଯୁବକ ସଂଘ ଦ୍ୱାରା ଆରମ୍ଭ କରାଯାଇଥିବାରୁ ଏହି ସଂଘକୁ ଗ୍ରାମବାସୀମାନେ ବହୁ ମାତ୍ରାରେ ସହଯୋଗ କରୁଥିବା ପାଢ଼ୀ ପ୍ରକାଶ କରିଥିଲେ।

ଭଞ୍ଜନଗର ପଞ୍ଚାୟତ ସମିତି ବୈଠକ

# କାଳିଆ ଯୋଜନାରେ ସାମିଲ ହେବେ ପରିବାରର ମୁଖ୍ୟ

ଭଞ୍ଜନଗର,୨୦।୧(ଡି.ଏନ.ଏ)


ଭତ୍ତା ପାଇଥିବା କଳାକାରମାନଙ୍କ ଗହଣରେ ମନ୍ତ୍ରୀ ଓ ଅନ୍ୟମାନେ ।

ଭଞ୍ଜନଗର ପଞ୍ଚାୟତ ସମିତିର ସାଧାରଣ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧକ୍ଷା ବିନ ଦଳବେହେରା ବୈଠକରେ ସଭାପତିତ୍ୱ କରିଥିଲେ। ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ଯୋଗଦେଇ ବ୍ଲକରେ ଚାଲିଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ମନ୍ତ୍ରୀ କାଳିଆ ଯୋଜନା ସମ୍ପର୍କରେ କହିଥିଲେ। ୩୦ ଲକ୍ଷ ଚାଷୀଙ୍କୁ ଏହି ଯୋଜନାରେ ସାମିଲ କରିବା ଲକ୍ଷ୍ୟ ରଖାଯାଇଥିଲା। ମାତ୍ର ଆବେଦନ ସଂଖ୍ୟା ବଢୁଥିବାରୁ ଲକ୍ଷ୍ୟ ଆହୁରି ବଢ଼ିବ । ପ୍ରତ୍ୟେକ ଯୋଗ୍ୟ ଚାଷୀଙ୍କୁ ଯୋଜନାରେ ପର୍ଯ୍ୟାୟକ୍ରମେ ସାମିଲ କରାଯିବ। ଚଳିତ ଖରିଫ୍ ଋତୁରେ କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କୁ ୫ ହଜାର ଟଙ୍କା ଲେଖାଏ ପ୍ରୋତ୍ସାହନ ରାଶି ଯୋଗାଇ ଦିଆଯିବ । ଏହିଭଳି ୫ଟି ଫସଲ ଋତୁରେ ୨୫ ହଜାର ଟଙ୍କା ଜଣେ ଚାଷୀଙ୍କୁ ଯୋଗାଇ ଦିଆଯିବ। ଏହି ଯୋଜନାରେ ବର୍ତ୍ତମାନ କ୍ଷୁଦ୍ର, ନାମମାତ୍ର, ଭାଗଚାଷୀ ଏବଂ ଭୂମିହୀନଙ୍କୁ ସାମିଲ କରାଯିବ। ଭୂମିହୀନଙ୍କୁ ୧୨,୫୦୦ ଟଙ୍କା ମାତ୍ର ଥରେ ପ୍ରଦାନ କରାଯିବ । ବେକାର ବୟସ୍କ ଚାଷୀଙ୍କୁ ୧୦ ହଜାର ଟଙ୍କା ଦିଆଯିବ। ଚାଷୀଙ୍କୁ ବୀମାଭୁକ୍ତ କରାଯିବ । ରାଜ୍ୟ ସରକାର ୬ଟଙ୍କା ଓ ଚାଷୀ ୬ଟଙ୍କା ବୀମା ବାବଦକୁ ଦେବେ। କୌଣସି ଚାଷୀଙ୍କ ମୃତ୍ୟୁ ଘଟିଲେ ୨ଲକ୍ଷ ଟଙ୍କାର ବୀମା ଅର୍ଥ ମିଳିବ। ୨୨ ତାରିଖ ସୁଦ୍ଧା ନାମ ଯୋଡ଼ାଯିବ। ଏହାପରେ ପଞ୍ଚାୟତ କାର୍ଯ୍ୟାଳୟରେ ଯୋଗ୍ୟ ହିତାଧିକାରୀଙ୍କ ନାମ ତାଲିକା ମରାଯିବ। ଏଥିରେ କୌଣସି ଆପତ୍ତି ଅଭିଯୋଗ ଥିଲେ ଲୋକେ କରିପାରିବେ। ଦ୍ୱିତୀୟ ପର୍ଯ୍ୟାୟ ଆବେଦନ ୨୫ ତାରିଖରୁ ଆରମ୍ଭ ହୋଇ ଫେବୃୟାରୀ ୫ ତାରିଖରେ ସରିବ। ପ୍ରତ୍ୟେକ ଯୋଗ୍ୟ ଚାଷୀ ଯୋଜନାରେ ସାମିଲ ହେବେ। ପରିବାରର ମୁଖ୍ୟଙ୍କ ନାମରେ ଆବେଦନ ହେବ। ପରିବାରର ଜଣଙ୍କୁ ଯୋଜନାରେ ସାମିଲ କରାଯିବ। ପରିବାରର ଏକାଧିକ ବ୍ୟକ୍ତି ଆବେଦନ କରିଥିଲେ ତାଲିକାରୁ ବାଦ୍ ପଡ଼ିବେ ବୋଲି ଏଏଚଓ ଆଚାର୍ଯ୍ୟ ବୈଠକରେ ସୂଚନା ଦେଇଥିଲେ। ଗ୍ରାମ୍ୟ ପାଇପ ଜଳଯୋଗାଣ ବିଭାଗ ଯନ୍ତ୍ରୀ ନିହାର ରଞ୍ଜନ ସ୍ୱାଇଁ ଆଗାମୀ ଦିନରେ ବ୍ଲକରେ ହେବାକୁ ଥିବା କିଛି ନୂତନ ପ୍ରକଳ୍ପ ସମ୍ପର୍କରେ ସୂଚନା ଦେଇଥିଲେ । ଗ୍ରୀଷ୍ମ ଋତୁ ପୂର୍ବରୁ ପଞ୍ଚାୟତ ଗୁଡ଼ିକରେ ପାଇପ୍ ମରାମତି ଯନ୍ତ୍ରାଂଶ ମହଜୁଦ୍ ରଖାଯିବ ବୋଲି କହିଥିଲେ। ବିଡ଼ିଓ ଅନିଲ କୁମାର ସେଠୀ ସ୍ୱାଗତ ଭାଷଣ ଦେଇଥିଲେ। ବ୍ଲକ ଉପାଧକ୍ଷ ଜିତେନ୍ଦ୍ର କେଶରୀ ଆରୁଖ, ଏବିଡ଼ିଓ ଭଜରାମ ବିଶ୍ୱାଳ, ତହସିଲଦାର, ସହକାରୀ ଯନ୍ତ୍ରୀ ସୁବାସ ସ୍ୱାଇଁ, ଗ୍ରାମ ପଞ୍ଚାୟତ ଅଧିକାରୀ ଅଶୋକ କୁମାର ପଣ୍ଡାଙ୍କ ସମେତ ଜନପ୍ରତିନିଧିମାନେ ବୈଠକରେ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ। ଏହା ପୂର୍ବରୁ ଭଞ୍ଜନଗର ବ୍ଲକ ଓ ଏନଏସିର ୫୮ କଳାକାରଙ୍କୁ ମୁଖ୍ୟମନ୍ତ୍ରୀ କଳାକାର ଭତ୍ତା ବଣ୍ଟନ କରାଯାଇଥିଲା। ଅନିଲ ପଣ୍ଡା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ମହିଳାଙ୍କ ଚିକିତ୍ସାରେ ଅର୍ଥ ବାଧକ


ସହାୟତା ପ୍ରଦାନ କରାଯାଉଛି ।

ଛତ୍ରପୁର,୨୦।୧(ଡି.ଏନ.ଏ.)

ଏବେବି ବଞ୍ଚି ରହିଛି ମଣିଷପଣିଆ। ଏହାର ଉଦାହରଣ ସାଜିଛି ଛତ୍ରପୁର ବ୍ଲକ କାଳିପଲ୍ଲୀ ପଞ୍ଚାୟତ ମହିଳା ସଂଘ। ଉପୁଲାପୁଟି ଗାଁର ଜଣେ ରୋଗୀଙ୍କ ଚିକିତ୍ସା ପାଇଁ ସଂଘ ସାହାଯ୍ୟର ହାତ ବଢାଇଛି । ଉପୁଲାପୁଟି ଗାଁର ତାରିଣୀ ସେଠୀ ଦୀର୍ଘଦିନ ହେଲା ଖାଦ୍ୟନଳୀରେ ଯନ୍ତ୍ରଣା ଅନୁଭବ କରି ବ୍ରହ୍ମପୁର ବଡ ମେଡିକାଲରେ ଚିକିତ୍ସିତ ହେଉଥିଲେ। ସେଠାରେ ତାଙ୍କ ଅବସ୍ଥା ଗୁରୁତର ହେବାରୁ କଟକ ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ତାରିଣୀଙ୍କ ସ୍ୱାମୀ ବାସୁଦେବ ଗରିବ ଶ୍ରେଣୀର ଏବଂ ସେ ଲୁଗାସଫା ଓ ଆଇରନ କରି ଗୁଜରାଣ ମେଣ୍ଟାଇଥାନ୍ତି। ତାଙ୍କର ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନ ଥିବାରୁ ସେ ଠିକ୍ ଭାବେ ତାରିଣୀଙ୍କୁ ଉତ୍ତମ ସେବା ଯୋଗାଇ ପାରୁ ନ ଥିଲେ । ଏ ସମ୍ପର୍କରେ ଖବର ପାଇ ପଞ୍ଚାୟତସ୍ତରୀୟ ମହାସଂଘର ସାଇ ଗୁରୁ ଆଞ୍ଚଳିକ ମଞ୍ଚ ସଦସ୍ୟାମାନେ ସହାୟତାର ହାତ ବଢାଇଛନ୍ତି। ସଂଘର ପ୍ରତ୍ୟେକ ସଦସ୍ୟ ମିଳିମିଶି ଅର୍ଥ ଆଦାୟକରି ୩୦ ହଜାର ଟଙ୍କା କଟକ ବଡ ମେଡିକାଲରେ ତାରିଣୀଙ୍କ ସ୍ୱାମୀ ବାସୁଦେବଙ୍କୁ ଦେବା ସହ ତାଙ୍କର ସ୍ୱାସ୍ଥ୍ୟାବସ୍ଥା ବିଷୟରେ ପଚାରି ବୁଝିଛନ୍ତି। ସହାୟତା ପ୍ରଦାନ ବେଳେ ସଂଘ ସଭାପତି ମାଳତୀ ସାହୁ, ଏମ୍‌ବିକେଏନ୍ ପୁଷ୍ପାଞ୍ଜଳି, ସିଆରପି ମିନତି ମହାରଣା, ଟି.ସଞ୍ଜୁ ରେଡ୍ଡୀ, ପି. ବାସନ୍ତୀ ରେଡ୍ଡୀ, ସସ୍ମିତା ବେହେରା, ସାବିତ୍ରୀ ବେହେରା, ଟି. କନ୍ତୀ ରେଡ୍ଡୀଙ୍କ ସମେତ ବ୍ଲକ ଉପାଧ୍ୟକ୍ଷା ଅମିତା ସାହୁ, ସ୍ଥାନୀୟ ସରପଞ୍ଚ ଶ୍ରୀରାମ ବେହେରା, ବିପିଏମ୍ ମାନିନୀ ଜେନା, ପ୍ରଣତୀ ସାହୁ, ସରୋଜିନୀ ମହାନ୍ତ, ସମ୍ପାଦିକା ଗୀତାଞ୍ଜଳି ବେହେରା, ଉପସଭାନେତ୍ରୀ ସୁନୀତା ବେହେରା ଓ କୋଷାଧକ୍ଷ ଅନପୂର୍ଣ୍ଣା ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଖଲ୍ଲିକୋଟ ତାଲୁକ ବିଶ୍ୱକର୍ମା ସମାଜ ବୈଠକ

ଖଲ୍ଲିକୋଟ,୨୦।୧(ଡି.ଏନ୍.ଏ.)



ବୈଠକରେ ଯୋଗଦେଇଥିବା କର୍ମକର୍ତ୍ତା।

ଖଲ୍ଲିକୋଟ ବ୍ଲକ ଝାଡେଶ୍ୱର ପୀଠରେ ଖଲ୍ଲିକୋଟ ତାଲୁକ ବିଶ୍ୱକର୍ମା ସମାଜର ବୈଠକ ରଘୁନାଥ ମହାରଣାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟ ବିଶ୍ୱକର୍ମା ସମାଜ ଉପସଭାପତି ଦୟାନିଧି ମହାରଣା ମୁଖ୍ୟଅତିଥି, ଛତ୍ରପୁର ଆଞ୍ଚଳିକ ବିଶ୍ୱକର୍ମା କାରିଗରି ସଂଘର ସଭାପତି ଭାସ୍କର ମହାରଣା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଖଲ୍ଲିକୋଟ ତାଲୁକର ପୂର୍ବ ପଞ୍ଜୀକୃତ ନମ୍ବର ପ୍ରକାରେ ଏହା ପରିଚାଳନା ହେବାପାଇଁ ସ୍ଥିର ହୋଇଛି ଏବଂ ଏହି ସମାଜରେ ଥିବା ବାର୍ଦ୍ଧକ୍ୟଙ୍କୁ ଭତ୍ତା, ନିର୍ମାଣ ଶ୍ରମିକଙ୍କୁ ପଞ୍ଜୀକୃତ କରାଇବା ଭିନ୍ନକ୍ଷମଙ୍କୁ ଭତ୍ତା ଆଦି ଦାବି ଉପସ୍ଥାପନ ହୋଇଥିଲା। ଉକ୍ତ ସମାଜର ପ୍ରତି ବର୍ଗର ବ୍ୟକ୍ତିଙ୍କୁ ନେଇ ଏକ ପୂର୍ଣ୍ଣାଙ୍ଗ ସଂଘ ନିର୍ମାଣ ପାଇଁ ସ୍ଥିର ହେବା ସହ ଭାସ୍କର ମହାରଣାଙ୍କୁ କେଶପୁର ଆଞ୍ଚଳିକ ପରାମର୍ଶ ଦାତା ଭାବେ ମନୋନୀତ କରାଯାଇଛି। ବୈଠକରେ ସଭ୍ୟ ସୁବାସ ଚନ୍ଦ୍ର ମହାରଣା, ଯଜ୍ଞସେନ ମହାରଣା, ନୀଳାଞ୍ଚଳ ମହାରଣା, ରଞ୍ଜିତ ମହାରଣା, ଗଣେଶ ମହାରଣା ପ୍ରମୁଖ ଉପସ୍ଥିତ ଥିଲେ।

## ସରସ୍ୱତୀ ଶିଶୁମନ୍ଦିର ବନବିହାର କାର୍ଯ୍ୟକ୍ରମ

ଶଙ୍କରାଖୋଲ,୨୦।୧(ଡି.ଏନ୍.ଏ.)

ଚକାପାଦ ବ୍ଲକ ଶଙ୍କରାଖୋଲ ସରସ୍ୱତୀ ଶିଶୁ ମନ୍ଦିର ପରିଚାଳନା କମିଟିର ସଭାପତି ନଳଦେବ କହଁରଙ୍କ ଅଧକ୍ଷତାରେ ବନବିହାର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବପଲମେଣ୍ଡି ସରପଞ୍ଚ ସାରଳା କହଁର, ଆରାବାଲା ସରପଞ୍ଚ ନାରାୟଣ ପ୍ରଧାନ, ଶଙ୍କରାଖୋଲ ସରପଞ୍ଚ ଚିତ୍ର କହଁର ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଉପର ଶିଶୁ ମନ୍ଦିରର ପ୍ରଧାନ ଆଚାର୍ଯ୍ୟ ମନୀତା କହଁର ଉପସ୍ଥାପନ କରିଥିବା ବେଳେ ଶିଶୁ ମନ୍ଦିରର ଛାତ୍ରୀଛାତ୍ର, ଅଭିଭାବକମାନେ ଯୋଗ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ପରିଚାଳନା କମିଟିର ସମ୍ପାଦକ ଅଶୋକ କହଁର ପରିଚାଳନା କରିବା ସହ ଉପଦେଷ୍ଟା ସହଯୋଗ କରିଥିଲେ।

## ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ବାର୍ଷିକୋତ୍ସବ

ବେଗୁନିଆପଡା,୨୦।୧(ଡି.ଏନ.ଏ.)

ବେଗୁନିଆପଡା ବ୍ଲକ କେ.ବରିଡା ପଞ୍ଚାୟତର ବିରିବାଁଆସ୍ଥିତ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ପରିଚାଳନା କମିଟିର ସଭାପତି ସନ୍ନ୍ୟାସୀ ଭୂୟାଁ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟଅତିଥି ଭାବେ ବ୍ଲକ ବିଜେଡି ସଭାପତି ବିଜୟ କୁମାର ଦୋରା, ସମ୍ମାନିତ ଅତିଥି ଭାବେ ପୂର୍ବତନ ଜିଲା ପରିଷଦ ସଦସ୍ୟ ତ୍ରିନାଥ ଭୂୟାଁ, ସମାଜସେବୀ ମହେଶ୍ୱର ବରାଡ, କୋଦଳା ହାଇସ୍କୁଲର ବିଜ୍ଞାନ ଶିକ୍ଷକ ଶଙ୍କର ପ୍ରଧାନ, ପ୍ରଧାନ ଶିକ୍ଷକ ନୀଳାଞ୍ଚଳ ରଥ ଯୋଗଦେଇ ଛାତ୍ରୀଛାତ୍ରଙ୍କ ଚରିତ୍ର ଗଠନ ଓ ଉତ୍ତମ ଶିକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯିବା ସହ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

# ଶିକ୍ଷକ ସଂଘ ବୈଠକ

ଭଞ୍ଜନଗର,୨୦।୧(ଡି.ଏନ.ଏ)

ଭଞ୍ଜନଗର ବ୍ଲକ ନୂତନ ପେନସନ୍ ଯୋଜନାଭୁକ୍ତ ଶିକ୍ଷକ ସଂଘର ଏକ ବୈଠକ ରବିବାର ସ୍ଥାନୀୟ ନିୟନ୍ତ୍ରିତ ବଜାର କମିଟି କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଞ୍ଜୟ ପ୍ରଧାନ ଅଧକ୍ଷତା କରିଥିଲେ। ବୈଠକରେ ଶିକ୍ଷକମାନଙ୍କ ବିଭିନ୍ନ ସମସ୍ୟା ଓ ଏହା କିଭଳି ସମାଧାନ ହେବ ତାହା ଆଲୋଚନା ହୋଇଥିଲା। ପରେ ନୂତନ କର୍ମକର୍ତ୍ତା ନିର୍ବାଚନ ହୋଇଥିଲା। ଏଥିରେ ସଭାପତି ଭାବେ ସଞ୍ଜୟ ପ୍ରଧାନ, ସମ୍ପାଦକ ତ୍ରିନାଥ ବେହେରା, କୋଷାଧକ୍ଷ ଭାବେ ଶିବାଶିଷ ବେହେରା ନିର୍ବାଚିତ ହୋଇଛନ୍ତି। ଏଥିସହ କ୍ଲଷ୍ଟର ସମ୍ପାଦକ ମଧ ମନୋନୀତ ହୋଇଛନ୍ତି। ବଡ଼କୋଦଣ୍ଡା କ୍ଲଷ୍ଟର ସମ୍ପାଦକ ଭାବେ ଶାନ୍ତିଲତା ରାଉତ, ବାଉଁଶଲୁଣ୍ଡିରେ ନିର୍ମଳ ସ୍ୱାଇଁ, ଡୁମାକୁମ୍ପାରେ ଦାଶରଥି ବିଷୋୟୀ, ବ୍ରାହ୍ମଣପଦରରେ ଗୋପାଳ ବେହେରା ସମ୍ପାଦକ ମନୋନୀତ ହୋଇଛନ୍ତି। ସେହିପରି ଦଦରାଲୁଣ୍ଡା କ୍ଲଷ୍ଟରରେ ସୁରେନ୍ଦ୍ର ପ୍ରଧାନ, ମୁଜାଗଡ଼ରେ ନିରଞ୍ଜନ ବେହେରା, ଭଞ୍ଜନଗର ଏନଏସିରେ ସୁଜତା ଗୌଡ଼, କୁଲାଡ଼ରେ ଗଙ୍ଗାଧର ପଣ୍ଡା, ତୁରୁମୁ କ୍ଲଷ୍ଟରେ ଭକ୍ତବନ୍ଧୁ ବିଷୋୟୀ, ହରିଗଡ଼ରେ ମନୋଜ ଜେନା, ବାରୁଡ଼ାରେ ଗୌରହରି ସାହୁ, ତିଳିସିଙ୍ଗିରେ ଜଗଦୀଶ୍ ନାୟକ, ଜିଲୁଣ୍ଡିରେ ଅବିନାଶ ପଣ୍ଡା, ସାନକୋଦଣ୍ଡାରେ ବାବୁଲା ନାୟକ ଓ ଗୋଲାପଡ଼ା କ୍ଲଷ୍ଟରରେ ଅନୁପମ ସାହୁ ସମ୍ପାଦକ ଭାବେ ନିର୍ବାଚିତ ହୋଇଛନ୍ତି । ନବନିର୍ବାଚିତ କର୍ମକର୍ତ୍ତାଙ୍କୁ ନେଇ ଦ୍ୱିତୀୟ ଅଧିବେଶନ ଆରମ୍ଭ ହୋଇଥିଲା। ଏଥିରେ ବିଇଓ ଏସ୍. ଧନଞ୍ଜୟ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ ।


ନବ ନିର୍ବାଚିତ କର୍ମକର୍ତ୍ତାଙ୍କ ଗହଣରେ ବିଇଓ ।

# ମଧୁବୈଶ୍ୟ ସମାଜ ସମାବେଶ

କନିଷି,୨୦।୧(ଡି.ଏନ.ଏ.)


ସମାବେଶରେ ଉପସ୍ଥିତ କର୍ମକର୍ତ୍ତା।

ଗଞ୍ଜାମ ଜିଲା ମହୁରୀ ତାଲୁକା ସିହଳା ମଧୁବୈଶ୍ୟ ସମାଜର ବିଶାଳ ସମାବେଶ ଗୋଳନ୍ଥରା ଗ୍ରାମସ୍ଥିତ ଶ୍ରୀଈଶାଣେଶ୍ୱର ମନ୍ଦିର ପ୍ରାଙ୍ଗଣରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମଧୁବୈଶ୍ୟ ସମାଜର ମୁଖ୍ୟ ଉପଦେଷ୍ଟା ପଦ୍ମନାଭ ସାସମଲ, ରାଜ୍ୟ ଉପସଭାପତି ପର୍ଶୁରାମ ସାହୁ, ସଭାପତିସାହେବ ସାହୁ, ଉପସଭାପତି ଲୋକନାଥ ସାହୁ, ସମ୍ପାଦକ ନୃସିଂହ ପ୍ରସାଦ ସାହୁ, ସହ ସମ୍ପାଦକ ସୁବାସ ଚନ୍ଦ୍ର ସାହୁ, ଆଇନ ପରାମର୍ଶଦାତା ସନ୍ତୋଷ କୁମାର ସାହୁ, କୋଷାଧକ୍ଷ ସଦାନନ୍ଦ ସାହୁ ପ୍ରମୁଖ ଅତିଥି ଭାବେ ଯୋଗଦେଇ କୁଳର ଉନ୍ନତି ଓ ବିଭିନ୍ନ ସମସ୍ୟା ବିଷୟରେ କହିଥିଲେ। ଏହି ଅବସରରେ ସିହଳା ମଧୁବୈଶ୍ୟ ସମାଜର ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ସଭାପତି ଭାବେ ମୋଚିରାମ ସାହୁ, ଉପସଭାପତି ବାବୁ ସାହୁ, ସମ୍ପାଦକ ରବି ନାରାୟଣ ସାହୁ, ସହ ସମ୍ପାଦକ ବାଳକୃଷ୍ଣ ସାହୁ, କୋଷାଧକ୍ଷ ସଦାନନ୍ଦ ସାହୁ, ସଭାନେତ୍ରୀ ଭାବେ ପ୍ରଭାବତୀ ସାହୁ ଓ ପୂର୍ଣ୍ଣବାସୀ ସାହୁ ମନୋନୀତ ହୋଇଛନ୍ତି। କାର୍ଯ୍ୟକ୍ରମରେ ଶତାଧିକ ମହିଳା, ପୁରୁଷ ଯୋଗ ଦେଇଥିଲେ। ସୁବାଷ ଚନ୍ଦ୍ର ସାହୁ ମଞ୍ଚ ପରିଚାଳନା କରିଥିବା ବେଳେ ମୋଚିରାମ ସାହୁ ଧନ୍ୟବାଦ ଦେଇଥିଲେ ।

# କୁକୁଡ଼ା ଫାର୍ମରେ ଅଗ୍ନିକାଣ୍ଡ

ପୋଲସରା,୨୦।୧(ଡି.ଏନ.ଏ.)

ପୋଲସରା ବ୍ଲକ ଅନ୍ତର୍ଗତ କେନ୍ଦୁବାଡ଼ି ଗ୍ରାମରେ ଥିବା କୁକୁଡ଼ା ଫାର୍ମରେ ରବିବାର ଅଗ୍ନିକାଣ୍ଡ ଘଟିଥିଲା। ଏଥିରେ ଫାର୍ମଟି ସମ୍ପୂର୍ଣ୍ଣ ପୋଡ଼ି ପାଉଁଶ ହୋଇଯାଇଛି। ଖବର ପାଇ ବୁଗୁଡ଼ା ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ବିଦ୍ୟୁତ ଶର୍ଟ ସର୍କିଟରୁ ଅଗ୍ନିକାଣ୍ଡ ଘଟି ଥାଇପାରେ ବୋଲି ଫାର୍ମ ମାଲିକ ଭଗବାନ ମହାନ୍ତି, ଭରତ ଭୂୟାଁ କହିଛନ୍ତି। ଫାର୍ମରେ କୁକୁଡ଼ା ନ ଥିଲେ ।

# ଜୀବନଜ୍ୟୋତି ମହାବିଦ୍ୟାଳୟର ବାର୍ଷିକୋତ୍ସବ

ରାଇକିଆ,୨୦।୧(ଡି.ଏନ.ଏ.)

ରାଇକିଆ ଜୀବନ ଜ୍ୟୋତି ମହାବିଦ୍ୟାଳୟର ବାର୍ଷିକ ଉତ୍ସବ ଅଧକ୍ଷ ପ୍ରଦୀପ ନାୟକଙ୍କ ଅଧକ୍ଷତାରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ଜି.ଉଦୟଗିରି ବିଧାୟକ ଜାକବ ପ୍ରଧାନ, ସମ୍ମାନିତ ଅତିଥି ଭାବେ ଥାନା ଅଧିକାରୀ ନରେଶ ସାହୁ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ରାଇକିଆ ଅତିରିକ୍ତ ତହସିଲଦାର ଶୁଭ ଦର୍ଭେୟ ବାହିନୀ ପତି ଯୋଗ ଦେଇ ଦୃଢ ଇଚ୍ଛାଶକ୍ତି ଓ କଠିନ ପରିଶ୍ରମ ବଳରେ ସମସ୍ତ ପ୍ରକାର ସଫଳତା ହାସଲ କରିବା ଅସାଧ ନୁହେଁ ବୋଲି କହିଥିଲେ। କାର୍ଯ୍ୟକ୍ରମ ଶେଷରେ ଛାତ୍ରୀଛାତ୍ର ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ବିଭିନ୍ନ ବିଭାଗରେ ଅନୁଷ୍ଠିତ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥି ମାନେ ପୁରସ୍କୃତ କରିଥିଲେ। ପ୍ରଫେସର ସୁରେଶ ଚନ୍ଦ୍ର ପାଢୀ ଧନ୍ୟବାଦ ଅର୍ପଣ କରିଥିଲେ। ପୂର୍ବରୁ ଗୁରବାର ଓ ଶୁକ୍ରବାର ୨ ଦିନ ଧରି ବାର୍ଷିକ କ୍ରୀଡ଼ା ଅନୁଷ୍ଠିତ ହୋଇଥିଲା। ସମସ୍ତ କ୍ରୀଡ଼ା ପ୍ରତିଯୋଗିତାକୁ କ୍ରୀଡ଼ା ଶିକ୍ଷକ ଆନ୍ଦ୍ରିଓ ନାୟକ ପରିଚାଳନା କରିଥିଲେ।



ବାର୍ଷିକ ଉତ୍ସବରେ ଯୋଗଦେଇଥିବା ଅତିଥି ।

ସାପ୍ତାହିକ ହାଟ ସୃଷ୍ଟି କରୁଛି ରୋଜଗାର

# ମହିଳାମାନେ ହେଉଛନ୍ତି ରୋଜଗାରକ୍ଷମ

ଦାରିଙ୍ଗବାଡି,୨୦।୧(ଡି.ଏନ୍.ଏ.)


ବୁଡାଗୁଡ଼ାରେ ହେଉଥିବା ସାପ୍ତାହିକ ହାଟ ।

କନ୍ଧମାଳ ଜିଲାରେ ଥିବା ୧୨ବ୍ଲକ ଅଞ୍ଚଳରେ ରହିଛି ସାପ୍ତାହିକ ହାଟର ଚାହିଦା। ଏବେ ଏହାର ଚାହିଦା ବୃଦ୍ଧି ପାଇବା ସହ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟ ବ୍ୟବସାୟ କରିବାକୁ ଆଗ୍ରହୀ ହେବା ସହ ମହିଳାମାନେ ଆଗରେ ଥିବା ନଜିର ରହିଛି। ହାଟରେ ଅଞ୍ଚଳବାସୀ ନିଜ ଚାଷ ଜମିରୁ ଅମଳ ହୋଇଥିବା ବିଭିନ୍ନ ପନିପରିବା ବିକ୍ରି କରି ଦୁଇପଇସା ରୋଜଗାର କରିଥାନ୍ତି। ସେହିପରି ପୋଷାକ ସମେତ କଂସାବାସନ, ପ୍ଲାଷ୍ଟିକ ସାମଗ୍ରୀଠାରୁ ଆରମ୍ଭ କରି ରାଶନ ସାମଗ୍ରୀ ଆଦିର ଚାହିଦା ଏହି ହାଟରେ ରହିଛି । ଏବେ ଇଲୋକ୍‌ଟ୍ରୋନିକସ୍ ଭଳି ଆଇଟମ୍ ଏହି ସାପ୍ତାହିକ ହାଟରେ ବହୁ ପରିମାଣରେ ବିକ୍ରି କରାଯାଉଛି । ଏଭଳି ବ୍ୟବସାୟରେ ମହିଳାମାନେ ପଛରେ ପଡ଼ିନାହାନ୍ତି। ଅନେକ ମହିଳା ବିଭିନ୍ନ ପ୍ରକାର ପିଠା କରି ହାଟରେ ବିକ୍ରି କରି ରୋଜଗାର କରୁଥିବା ବେଳେ କେତେକ ମହିଳା ହୋଟେଲରେ ଜଳଖିଆ, ମିଲ୍ସ ତିଆରି କରି ବିକ୍ରି କରିଥାନ୍ତି । ଆଉ କେତେକ ମହିଳା ଶୁଖୁଆ, ଲୁଣି ମାଛ ସମେତ ଚିଙ୍ଗୁଡ଼ି, ଆଦି ବିକ୍ରି କରି ଭଲ ରୋଜଗାର ହୋଇପାରୁଥିବା କହିଛନ୍ତି। କେତେକ ମହିଳା ବ୍ୟବସାୟକରି ଦୁଇପଇସା ସଞ୍ଚୟ କରିବା ନାମରେ ଚିଟଫଣ୍ଡ ଭଳି ଠକ ସଂସ୍ଥାରେ ନିଜ ଉପାର୍ଜିତ ଟଙ୍କା କ୍ଷତି ସହିଥିବା ବେଳେ ଏବେ ସୁଦ୍ଧା ତାଙ୍କ ମେରୁଦଣ୍ଡ ସଳଖି ନ ଥିବା ବାଲିଗୁଡ଼ା ଅଞ୍ଚଳର ଶୁଖୁଆ ବ୍ୟବସାୟୀ ଧରିତ୍ରୀ ବେହେରା ଓ ସାବିତ୍ରୀ ବେହେରା ପ୍ରମୁଖ କହିଛନ୍ତି । ଏଥି ସହ ଜିଏସ୍‌ଟି ପାଇଁ ସମସ୍ତ ଦର ବୃଦ୍ଧି କାରଣରୁ ଗ୍ରାହକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଯାଉଥିବା କହିଛନ୍ତି । ସେହିପରି ଏହି ସାପ୍ତାହିକ ହାଟ କେବଳ ବ୍ୟବସାୟରେ ସୀମିତ ରହିନାହିଁ ଭାଇଚାରା ସହ ସଦ୍‌ଭାବନା ସୃଷ୍ଟି କରିବାରେ ବେଶ୍ ସହାୟକ ହୋଇଛି । ଅନେକ ଗ୍ରାମର ଲୋକ ଏହି ହାଟରେ ଦେଖାହେବା ସହ ଆପୋସ ମିଳାମିଶା ଭାଇଚାରାରେ ବାନ୍ଧି ରଖିଛି । ଉକ୍ତ ବ୍ଲକ ଅଞ୍ଚଳର ରବିବାର ଦାରିଙ୍ଗବାଡ଼ି ଏବଂ ତାଜୁଙ୍ଗିଆ ପଞ୍ଚାୟତର ସିକରମାହାରେ ସାପ୍ତାହିକ ହାଟ ହେଉଥିବା ବେଳେ ସୋମବାର ବ୍ରାହ୍ମଣୀଗାଁ, ମଙ୍ଗଳବାର କାଟିଙ୍ଗିଆ, ଗୁରୁବାର ସରାମୂଳି ଏବଂ ଶୁକ୍ରବାର ଗଦାପୁର ଓ ବୁଡାଗୁଡ଼ାରେ ଏହି ହାଟ ହେଉଛି । ସେହିପରି ଉକ୍ତ ଜିଲାରେ ଶନିବାର ବାଲିଗୁଡ଼ା ଏବଂ ସୋମବାର ରାଇକିଆରେ ହେଉଥିବା ସାପ୍ତାହିକ ହାଟରେ ମଧ ଦାରିଙ୍ଗବାଡ଼ି ବ୍ଲକ ଅଞ୍ଚଳର ଲୋକେ ନିର୍ଭର କରୁଥିବା ନଜିର ରହିଛି ।

## ସଂକ୍ଷେପରେ

### ଏଓୟୁଇଏଫର କର୍ମକର୍ତ୍ତା ଚୟନ
### ଭଞ୍ଜବିହାରର ଦୁର୍ଗାଚରଣ ସମ୍ପାଦକ, ସୁନୀଲଙ୍କୁ ଉପସଭାପତି ଦାୟିତ୍ୱ

**ବ୍ରହ୍ମପୁର ଅଫିସ,୨୦।୧:** ନିଖିଳ ଓଡିଶା ବିଶ୍ୱବିଦ୍ୟାଳୟ କର୍ମଚାରୀ ମହାସଂଘ(ଏଓୟୁଇଏଫ)ର କାର୍ଯ୍ୟକାରିଣୀ ବୈଠକ ବାଲେଶ୍ୱର ଫକୀର ମୋହନ ବିଶ୍ୱବିଦ୍ୟାଳୟରେ ରବିବାର ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ମହାସଂଘର ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା । ସେଥିରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କର୍ମଚାରୀ ସଂଘର ଦୁର୍ଗାଚରଣ ହୋତା ମହାସଂଘ ସାଧାରଣ ସମ୍ପାଦକ ଭାବେ ମନୋନୀତ ହୋଇଛନ୍ତି । ସେହିପରି ବିଶ୍ୱବିଦ୍ୟାଳୟର ସୁନୀଲ କୁମାର ପାତ୍ର ଉପସଭାପତି ଏବଂ ଡିକେ ବେହେରା କାର୍ଯ୍ୟନିର୍ବାହୀ ସମ୍ପାଦକ ଭାବେ ମନୋନୀତ ହୋଇଥିବା ସୂଚନା ମିଳିଛି । ଏହି ଅବସରରେ ବିଶ୍ୱବିଦ୍ୟାଳୟ କର୍ମଚାରୀ ସଂଘ ଓ ବିଶ୍ୱବିଦ୍ୟାଳୟ ପକ୍ଷରୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି ।

### ନିଆଁରେ ଜଳିଯାଇ ଶିଶୁ କନ୍ୟାର ମୃତ୍ୟୁ

**ବ୍ରହ୍ମପୁର ଅଫିସ୍,୨୦।୧:** ବ୍ରହ୍ମପୁର ବଡ ମେଡିକାଲରେ ନିଆଁରେ ଜଳିଯାଇ ଚିକିତ୍ସାଧୀନ ଥିବା ୧୦ ବର୍ଷର ଶିଶୁ କନ୍ୟାର ରବିବାର ମୃତ୍ୟୁ ଘଟିଛି । ମୃତକ ହେଲେ ରାୟଗଡା ଜିଲା ପୁଟାସିଂ ଥାନା ଅଧୀନ ଆମ୍ବବାଡି ଗ୍ରାମର ଗୌତମ ଶବରଙ୍କ ଝିଅ ସନ୍ତୋଷୀ । ଶନିବାର ସକାଳେ ରୋଷେଇ ଘରେ ଚୁଲି ଜଳୁଥିବା ସମୟରେ ଅସାବଧାନତା ହେତୁ ସନ୍ତୋଷୀଙ୍କ ଦେହରେ ନିଆଁ ଲାଗି ଯାଇଥିଲା । ସନ୍ତୋଷୀ ଜଣେ ଅପସ୍ମାର ରୋଗୀ ହୋଇଥିବା ବେଳେ ଦେହରେ ନିଆଁ ଲାଗିଯାଇ ପ୍ରାୟ ୯୦ ପ୍ରତିଶତ ଜଳିଯାଇଥିଲା । ପରିବାର ବର୍ଗ ପ୍ରଥମେ ରାୟଗଡା ଏବଂ ପରେ ବ୍ରହ୍ମପୁର ବଡ ମେଡିକାଲରେ ଭର୍ତ୍ତି କରିଥିଲେ । ରବିବାର ତାଙ୍କର ମୃତ୍ୟୁ ଘଟିଥିବା ଜଣାପଡିଛି । ଏନେଇ ବୈଦ୍ୟନାଥପୁର ପୋଲିସ ନଂ. ୨୭/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ କରି ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯାଇଥିବା ଆଇଆଇସି ଜୟକୃଷ୍ଣ ପଟ୍ଟନାୟକ ସୂଚନା ଦେଇଛନ୍ତି ।

### ୩ରେ ଜିଲାପରିଷଦ ବୈଠକ

**ଛତ୍ରପୁର,୨୦।୧(ଡି.ଏନ.ଏ.):** ଫେବୃୟାରୀ ୩ ତାରିଖରେ ଛତ୍ରପୁରରେ ଗଞ୍ଜାମ ଜିଲା ପରିଷଦ ବୈଠକ ଅନୁଷ୍ଠିତ ହେବ । ଏଥିରେ ଜିଲା ପରିଷଦ ସଭାପତି ସୁବାସ ଚନ୍ଦ୍ର ବେହେରା ଅଧକ୍ଷତା କରିବେ। ଏ ସମ୍ପର୍କରେ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ରବିବାର ସୂଚନା ଦେଇଛନ୍ତି । ବୈଠକରେ ମନ୍ତ୍ରୀ, ବିଧାୟକ, ଏମ୍‌ପିମାନେ ଯୋଗଦେବେ ବୋଲି ଜଣାପଡିଛି । ଏମ୍‌ଜିଏନ୍‌ଆରଇଜିଏସ୍, ସ୍ୱାସ୍ଥ୍ୟ, ଶିକ୍ଷା, ଜଳସେଚନ ଓ ଯୋଗାଣ ବିଭାଗ ପକ୍ଷରୁ ଚାଲିଥିବା ବିଭିନ୍ନ କାର୍ଯ୍ୟକ୍ରମ ଉପରେ ଆଲୋଚନା ହେବ ବୋଲି ଜଣାପଡିଛି ।

■ ୫ମ ମହାନଗର ମହୋତ୍ସବ ଲୋଗୋ ଉନ୍ମୋଚିତ

# ୨୬ରୁ ୧୦ ଦିନିଆ ମହୋତ୍ସବ

**ବ୍ରହ୍ମପୁର ଅଫିସ,୨୦।୧**

ବ୍ରହ୍ମପୁର ମହାନଗର ମହୋତ୍ସବ କମିଟି ପକ୍ଷରୁ ଆସନ୍ତା ୨୬ରୁ ୫ମ ମହାନଗର ମହୋତ୍ସବ ଅନୁଷ୍ଠିତ ହେବ । ଗୋଷାଣୀନୂଆଗାଁ କେସି ହାଇସ୍କୁଲ ପଡିଆରେ ଏହି ମହୋତ୍ସବ ଫେବୃୟାରୀ ୪ ପର୍ଯ୍ୟନ୍ତ ଚାଲିବ । ୧୦ଦିନ ବ୍ୟାପୀ ଅନୁଷ୍ଠିତ ହେବାକୁ ଥିବା ଏହି ମହୋତ୍ସବରେ ଗଞ୍ଜାମ ତଥା ବ୍ରହ୍ମପୁରର ଲୋକକଳା, ଲୋକ ସଂସ୍କୃତିର ଝଲକ ପ୍ରତିଫଳିତ ହେବ । ଗଞ୍ଜାମ ତଥା ଦକ୍ଷିଣ ଓଡ଼ିଶାରେ ଲୁଚି ରହିଥିବା ଲୋକକଳା, ସଂସ୍କୃତିକୁ ବିଶ୍ୱ ଦରବାରରେ ପହଞ୍ଚାଇବା ଏହାର ମୂଳ ଉଦ୍ଦେଶ୍ୟ । ରବିବାର ସର୍କିଟ ହାଉସ ସମ୍ମିଳନୀ କକ୍ଷରେ ଆୟୋଜିତ ମହୋତ୍ସବ ଲୋଗୋ ଉନ୍ମୋଚନ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ସୂର୍ଯ୍ୟନାରାୟଣ ପାତ୍ର ଏହି ସୂଚନା ଦେଇଛନ୍ତି । ଚଳିତ ୫ମ ଥର ପାଇଁ ଆୟୋଜିତ ହେବାକୁ ଥିବା ଏହି ମହୋତ୍ସବରେ ଗଞ୍ଜାମ ଜିଲା ତଥା ଦକ୍ଷିଣ ଓଡିଶାର ଲୋକ କଳା ସମେତ ବହୁ ଓଲିଉଡ ତାରକା ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି । ଓଲିଉଡ କଣ୍ଠଶିଳ୍ପୀ ଅସୀମା ପଣ୍ଡା, ହ୍ୟୁମନ ସାଗରଙ୍କ ଭଳି ବହୁ କଣ୍ଠଶିଳ୍ପୀ ଓ କଳାକାରଙ୍କୁ ମଧ୍ୟ ଆମନ୍ତ୍ରଣ କରାଯାଇଥିବା କମିଟି ଅଧ୍ୟକ୍ଷ ନାରାୟଣ ମହାଙ୍କୁଡ ସୂଚନା ଦେଇଥିଲେ । ଦର୍ଶକଙ୍କ ମନୋରଞ୍ଜନ ପାଇଁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ପ୍ରତ୍ୟେକ ସନ୍ଧ୍ୟାରେ ଆଲୋଚନାଚକ୍ର ଆୟୋଜିତ ହେବ । ଏହି ଅବସରରେ ରାଜ୍ୟ ତଥା ରାଜ୍ୟ ବାହାରର ହସ୍ତତନ୍ତ, କୁଟୀର ଶିଳ୍ପ ଓ ସାମଗ୍ରୀ ପ୍ରଦର୍ଶନୀ ମଧ୍ୟ ଆୟୋଜନ କରାଯାଇଥିବା ଅଧ୍ୟକ୍ଷ ମହାଙ୍କୁଡ ସୂଚାଇଥିଲେ ।



ଅତିଥିମାନେ ମହାନଗର ମହୋତ୍ସବ ଲୋଗୋ ଉନ୍ମୋଚନ କରୁଛନ୍ତି ।

**ହସ୍ତଶିଳ୍ପ ମେଳା, ଓଲିଉଡ୍ କଳାକାର ମୁଖ୍ୟ ଆକର୍ଷଣ**

ମୁଖ୍ୟଅତିଥି ମନ୍ତ୍ରୀ ପାତ୍ର ମହୋତ୍ସବର ଲୋଗୋକୁ ଉନ୍ମୋଚନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଗଞ୍ଜାମ ଜିଲା ଯୋଜନା କମିଟି ଅଧ୍ୟକ୍ଷ ତଥା ବ୍ରହ୍ମପୁର ବିଧାୟକ ଡ. ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ଚନ୍ଦ୍ରଶେଖର ସାହୁ, କମିଟିର ମୁଖ୍ୟ ଉପଦେଷ୍ଟା ଡା. ନୃସିଂହ ଚରଣ ପାଢୀ, ଭଗବାନ ଗନ୍ତାୟତ, ବିଜେଡି ମହିଳା ସଭାନେତ୍ରୀ ସଙ୍ଘମିତ୍ରା ଦଳାଇ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ । କମିଟି ମୁଖ୍ୟ ସଂଯୋଜକ ମନୋଜ କାନ୍ତ ଦାଶ, ସମ୍ପାଦକ ବିଶ୍ୱନାଥ ପଟ୍ଟନାୟକ, ଯୁଗ୍ମ ସମ୍ପାଦକ ନାଗେଶ୍ୱର ପୃଷ୍ଟି ଓ ଯୁଗ୍ମ ସମ୍ପାଦିକା ରଶ୍ମିତା ପାଣିଗ୍ରାହୀଙ୍କ ସମେତ କମିଟିର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ ।

# ସକ୍ଷମ ସାଇକେଲ୍ ରାଲି



ସାଇକେଲ୍ ରାଲିକୁ ଅତିଥିମାନେ ଉଦ୍‌ଘାଟନ କରୁଛନ୍ତି ।

**ବ୍ରହ୍ମପୁର ଅଫିସ,୨୦।୧**

ପେଟ୍ରୋଲିୟମ୍ ସଂରକ୍ଷଣ ଓ ଅନୁସନ୍ଧାନ ସଂଘ ଏବଂ ତୈଳ କମ୍ପାନୀଗୁଡ଼ିକର ମିଳିତ ଆନୁକୂଲ୍ୟରେ ସଂରକ୍ଷଣ କ୍ଷମତା ମହୋତ୍ସବ(ସକ୍ଷମ) ସାଇକେଲ୍ ରାଲି ରବିବାର ବ୍ରହ୍ମପୁରରେ ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ଖଲ୍ଲିକୋଟ କଲେଜ ଷ୍ଟାଡିୟମ୍‌ରୁ ଶୋଭାଯାତ୍ରା ବାହାରିଥିଲା । ଏଥିରେ ବହୁ ସଂଖ୍ୟାର ଯୁବତୀ ଯୁବକ ଭାଗ ନେଇଥିଲେ । ଶିକ୍ଷାବିତ୍ ଦେବେଶ ସାମନ୍ତରାୟ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ କଲାମ୍ ଇନ୍‌ଷ୍ଟିଚ୍ୟୁଟ୍ ଅଧ୍ୟକ୍ଷ ଅନିଲ ପାତ୍ର, ଏଚ୍‌ପିସିଏଲ୍‌ର ସୁଧୀର ପଟ୍ଟନାୟକ, କଳିଙ୍ଗ ପେଟ୍ରୋଲ୍ ପମ୍ପର ମୁଖ୍ୟ ରାଜେଶ କୁମାର ପାତ୍ର ଏବଂ ଆଇଓସିଏଲ୍‌ର ସ୍ନେହାଶିଷ ଦତ୍ତ ପ୍ରମୁଖ ଯୋଗ ଦେଇଥିଲେ । ଭାରତୀୟ ତୈଳ ନିଗମ କର୍ମଚାରୀମାନେ ଏହାକୁ ପରିଚାଳନା କରିଥିଲେ ।

### ଦୁର୍ଘଟଣାରେ ଶ୍ରମିକଙ୍କ ମୃତ୍ୟୁ

**ହିଞ୍ଜିଳିକାଟୁ,୨୦।୧(ଡ଼ି.ଏନ୍.ଏ)**

ହିଞ୍ଜିଳି ଥାନା ନୂଆ ବୁରୁପୋଡ଼ାଠାରେ ବୋଲରୋ ଧକ୍କାରେ ଜଣଙ୍କ ମୃତ୍ୟୁ ଘଟିଛି । ସେ ହେଲେ ଶେରଗଡ଼ ଥାନା ସିନ୍ଧାଗୁଡ଼ା ଗ୍ରାମର ଟୁଲୁ ନାୟକ । ହିଞ୍ଜିଳିକାଟୁର ନିର୍ମାଣାଧୀନ ବସ ଟର୍ମିନାଲ ପାଇଁ ସେ ଛାତ ସେଣ୍ଟ୍ରିଂ ମିସ୍ତ୍ରୀ ଭାବେ ନିୟୋଜିତ ଥିଲେ । ରବିବାର ସନ୍ଧ୍ୟାରେ ଟୁଲୁ କାମ ସାରି ବାଇକରେ ଶେରଗଡ଼ ଥାନା ବଡ଼ଗଡ଼ର ଟୁନା ନାୟକଙ୍କ ସହ ଫେରୁଥିଲେ । ନୂଆବୁରୁପୋଡ଼ା ନିକଟରେ ପେଟ୍ରୋଲ ସରିଯିବାରୁ ସେ ବାଇକ ରଖି ଠିଆ ହୋଇଥିବା ବେଳେ ଟୁନା ପେଟ୍ରୋଲ ପାଇଁ ଯାଇଥିଲେ । ଏହି ସମୟରେ ଏକ ବୋଲେରୋ ଟୁଲୁଙ୍କୁ ଧକ୍କା ଦେଇ ପଳାଇଥିଲା । ସ୍ଥାନୀୟ ଲୋକେ ଟୁଲୁଙ୍କୁ ହିଞ୍ଜିଳିକାଟୁ ଡ଼ାକ୍ତରଖାନାକୁ ନେଇଥିଲେ । ସେଠାରେ ତାଙ୍କର ମୃତ୍ୟୁ ଘଟିଛି । ଏ ନେଇ ନଂ.୧୭/୧୯ରେ ମାମଲା ରୁଜୁ ହୋଇଛି ।

# ଆସିକା ମହୋତ୍ସବ ଉଦ୍‌ଯାପିତ

**ଆସିକା,୨୦।୧(ଡି.ଏନ୍.ଏ.)**

ଆସିକା ସହରର କଳିଙ୍ଗା ରୋଡ଼ଠାରେ ବୁଧବାରଠାରୁ ପ୍ରଥମ କରି ଆରମ୍ଭ ହୋଇଥିବା ଆସିକା ମହୋତ୍ସବ ରବିବାର ରାତିରେ ଉଦ୍‌ଯାପିତ ହୋଇଯାଇଛି । ଉଦ୍‌ଯାପନୀରେ ରାଜ୍ୟ ଖାଉଟି କଲ୍ୟାଣ ଓ ସମବାୟ ମନ୍ତ୍ରୀ ସୂର୍ଯ୍ୟନାରାୟଣ ପାତ୍ର, ଆସିକା ବିଧାୟକ ଦେବରାଜ ମହାନ୍ତି, ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଇଞ୍ଜିନିୟର ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଅତିରିକ୍ତ ନିର୍ଦ୍ଦେଶକ ପ୍ରିୟ ରଞ୍ଜନ ପୁଷ୍ଟି ପ୍ରମୁଖ ଯୋଗଦେଇଥିଲେ । ସମାଜରେ ଭାଇଚାରା ଭାବର ବୃଦ୍ଧି ପାଇଁ ଏହି ମହୋତ୍ସବ ଏକାନ୍ତ ଆବଶ୍ୟକ ବୋଲି ଅତିଥି କହିଥିଲେ । ମହୋତ୍ସବରେ ଖୋର୍ଦ୍ଧାର ପାଇକ ଆଖଡ଼ା, ରାଜସ୍ଥାନୀ ନୃତ୍ୟ, କଲିକତା କଳାକାରଙ୍କର ଗରବାନୃତ୍ୟ, ମହାରାଷ୍ଟ୍ର କଳାକାରଙ୍କ ଆଧୁନିକ ନୃତ୍ୟକୁ ଦର୍ଶକ ବେଶ୍ ଉପଭୋଗ କରିଥିଲେ । ଓଲିଉଡ କଣ୍ଠଶିଳ୍ପୀ ଅସିମା ପଣ୍ଡା, ମନୋସ୍ୱିନି ଓ ବଲିଉଡ କଣ୍ଠଶିଳ୍ପୀ ଅରବିନ୍ଦ ଚକ୍ରବର୍ତ୍ତୀଙ୍କ କଣ୍ଠ ସଙ୍ଗୀତ ଉତ୍ସବକୁ ଅଧିକ ଆକର୍ଷଣୀୟ କରିଥିଲା । ଏଥିରେ ଆସିକା ସହର ତଥା ଆଖପାଖ ଅଞ୍ଚଳର ବହୁ ଦର୍ଶକଙ୍କ ସମାଗମ ଦେଖିବାକୁ ମିଳିଥିଲା । ଆସିକା ବିଡିଓ ଗାୟତ୍ରୀଦତ୍ତ ନାୟକ ଉତ୍ସବ ପରିଚାଳନାରେ ସହଯୋଗୀ ଥିଲେ ।



ଉଦ୍‌ଯାପନୀ ସନ୍ଧ୍ୟାର ସାଂସ୍କୃତିକ କାର୍ଯ୍ୟକ୍ରମ ।

### କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ

**ଦିଗପହଣ୍ଡି/ ପାଟପୁର,୨୦।୧(ଡି.ଏନ.ଏ.)**

ସାନଖେମୁଣ୍ଡି ବ୍ଲକ ପାଟପୁର ଗ୍ରାମ ବିଶ୍ୱାସରାୟ କଲେଜର ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ ହୋଇଯାଇଛି । କ୍ରୀଡ଼ା ଶିକ୍ଷକ ଲକ୍ଷ୍ମଣ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉତ୍ସବରେ କଲେଜ ଅଧ୍ୟକ୍ଷ ଡ. ପ୍ରଦୀପ କୁମାର ବ୍ରହ୍ମା ମୁଖ୍ୟଅତିଥି ଭାବେ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ । ଅଧ୍ୟାପକ ଅମୀୟ କୁମାର ପାଢ଼ୀ, ବିଜୟ ଚନ୍ଦ୍ର ପ୍ରଧାନ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ । ଅଧ୍ୟାପକ ଡ. କୈଳାସ ଚନ୍ଦ୍ର ସ୍ୱାଇଁ, ରମାକାନ୍ତ ପଣ୍ଡା, ପ୍ରଫୁଲ୍ଲ ମହାରଣା, ଅଶ୍ୱିନୀ କୁମାର ରଥ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । କ୍ରୀଡ଼ା ଶିକ୍ଷକ ଦିଲୀପ ସ୍ୱାଇଁ, ଦାମୋଦର ପ୍ରଧାନ, ଭଗବାନ ବେହେରା ସମସ୍ତ କ୍ରୀଡ଼ା ପ୍ରତିଯୋଗିତା ପରିଚାଳନା କରିଥିଲେ ।

**ଆସନ୍ତୁ ଓଡ଼ିଶାକୁ ପ୍ଲାଷ୍ଟିକ୍ ମୁକ୍ତ କରିବା**

ଏହିଭଳି ଆଙ୍ଗୁଳି ମୁଦ୍ରାରେ ନିଜର ଫଟୋ/ ସେଲ୍‌ଫି ଉଠାଇ bmpselfie@gmail.com ରେ ଆମର ସେଲ୍‌ଫି କର୍ଣ୍ଣରକୁ ପଠାନ୍ତୁ। ଏଥିସହ ଫଟୋକୁ ହ୍ୟାସ୍‌ଟ୍ୟାଗ୍ #PlasticFreeOdisha ଲଗାଇ @DharitriNews କୁ ଟ୍ୟାଗ୍ କରି ଆପଣଙ୍କର ସୋସିଆଲ ମିଡିଆ ପ୍ରୋଫାଇଲରେ ଶେୟାର କରନ୍ତୁ। ଆମ ଫେସ୍‌ବୁକ ପେଜ Dharitriକୁ ଲାଇକ୍ କରି ଏହି ବିପ୍ଳବରେ ସାମିଲ ହୁଅନ୍ତୁ।



## ସେଲ୍‌ଫି କର୍ଣ୍ଣର



ଅମିତ୍



ବିକାଶ

**ସେଲ୍‌ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ** | bmpselfie@gmail.com (ନିର୍ବାଚିତ ସେଲ୍‌ଫି ପ୍ରକାଶ ପାଇବ)

# ସ୍କୁଲ ଅଧ୍ୟକ୍ଷଙ୍କ ଦୁର୍ବ୍ୟବହାର ପ୍ରସଙ୍ଗର ଭିନ୍ନମୋଡ଼

**ଗଞ୍ଜାମ,୨୦।୧(ଡି.ଏନ.ଏ.)**

ଗଞ୍ଜାମ ସହର ମଧ୍ୟରେ ଥିବା ଜୟଶ୍ରୀ ଇଂଲିଶ ମିଡିୟମ ସ୍କୁଲ ଅଧ୍ୟକ୍ଷଙ୍କ ଦୁର୍ବ୍ୟବହାର ପ୍ରସଙ୍ଗ ଭିନ୍ନ ମୋଡ଼ ନେଇଛି । ଏହାକୁ ନେଇ ଅଧ୍ୟକ୍ଷଙ୍କ ସପକ୍ଷ ଓ ବିପକ୍ଷ ଅଭିଭାବକ କମିଟି ମଧ୍ୟରେ ଟଣାଓଟରା ଲାଗି ରହିଛି । ପୂର୍ବରୁ ଏହି ପ୍ରସଙ୍ଗକୁ ନେଇ ଏକ ଅଭିଭାବକ କମିଟି ଓଡ଼ିଆ ଜାତି ପ୍ରତି ଅରୁଚିକର ମନ୍ତବ୍ୟକୁ ବିରୋଧ କରି ସ୍କୁଲ ଅଧ୍ୟକ୍ଷଙ୍କ ବହିଷ୍କାର ଦାବି କରୁଥିବା ବେଳେ ବର୍ତ୍ତମାନ ଆଉ ଏକ ଅଭିଭାବକ କମିଟି ଅଧ୍ୟକ୍ଷଙ୍କ ସପକ୍ଷରେ ଗତ ୧୬ରେ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ଅଭିଭାବକଙ୍କ ଅନୁରୋଧକ୍ରମେ ସ୍କୁଲ ଅଧ୍ୟକ୍ଷ ବିଦ୍ୟାଳୟ ପରିସରରେ ଇଂଲିଶ ଭାଷାକୁ ପ୍ରାଧାନ୍ୟ ଦେଇଛନ୍ତି । ଏଥିସହିତ ଓଡ଼ିଆ ଭାଷା ପାଇଁ ମଧ୍ୟ ଆଇସିଏସଇ ବୋର୍ଡରେ ୧୦୦ ମାର୍କ କରାଇଛନ୍ତି । କିଛି ଅଭିଭାବକ ଉଦ୍ଦେଶ୍ୟମୂଳକ ଭାବେ ଅଧ୍ୟକ୍ଷଙ୍କୁ ଟାର୍ଗେଟ କରୁଛନ୍ତି ବୋଲି ସେମାନେ ଅଭିଯୋଗ କରିଛନ୍ତି । ଏହାର ଉପଯୁକ୍ତ ତଦନ୍ତ କରିବା ପାଇଁ ଜିଲାପାଳଙ୍କୁ ଅନୁରୋଧ କରାଯାଇଥିବା ଅନ୍ୟ ଏକ ଅଭିଭାବକ କମିଟି ପକ୍ଷରୁ କୁହାଯାଇଛି । ଏହାର ନକଲ କପି ଜିଲା ଏସପି, ବିଧାୟକ, ଶିକ୍ଷାଧିକାରୀ, ଗଞ୍ଜାମ ଥାନାକୁ ମଧ୍ୟ ପ୍ରଦାନ କରାଯାଇଛି ।

■ କନ୍ଧମାଳ ମହୋତ୍ସବ ତୃତୀୟ ସନ୍ଧ୍ୟା

# ଏକାଠି ହେବାର ଏକ ମାଧ୍ୟମ ଉତ୍ସବ

**ଫୁଲବାଣୀ ଅଫିସ, ୨୦।୧**

ଫୁଲବାଣୀ କରୋନେଶନ ପଡିଆରେ ଚାଲିଥିବା କନ୍ଧମାଳ ମହୋତ୍ସବ ରବିବାର ତୃତୀୟ ଦିନରେ ପହଞ୍ଚିଛି । ତୃତୀୟ ସନ୍ଧ୍ୟାରେ ଅନୁଷ୍ଠିତ ସାଂସ୍କୃତିକ ସଭାରେ ମୁଖ୍ୟଅତିଥି ଭାବେ ଓଡିଶା ବିଧାନସଭା ବାଚସ୍ପତି ପ୍ରଦୀପ କୁମାର ଅମାତ ଯୋଗଦେଇ ଉତ୍କଳୀୟ ସଂସ୍କୃତି, ପରମ୍ପରା ଉପରେ ଆଲୋଚନା କରିଥିଲେ । ଉତ୍କଳୀୟ କଳା ସଂସ୍କୃତି ବହୁ ପ୍ରାଚୀନ । ଏହା ଆଞ୍ଚଳିକ ସଂସ୍କୃତିର ସମାହାର କହିଲେ ଅତ୍ୟୁକ୍ତି ହେବନାହିଁ । ଜଣକର ପରିଚୟ ତା'ର ସଂସ୍କୃତିରୁ ପରିସ୍ଫୁଟିତ ହୋଇଥାଏ । ଦୈନନ୍ଦିନ ବ୍ୟସ୍ତ ବହୁଳ ଜୀବନରେ ଆମେ ଏକ ପ୍ରକାର ଅଣନିଶ୍ୱାସୀ ହୋଇପଡୁଛେ । ତେଣୁ କିଛି ସମୟ ଚିତ୍ତବିନୋଦନ କରିବା ଦରକାର । ଉତ୍ସବ ଆୟୋଜନ ହେଲେ ଆମେ ପ୍ରଫୁଲ୍ଲ ରହିବା ସହ କଳା ସଂସ୍କୃତିକୁ ଉଦଜିବୀତ ରଖି ପାରିବା । ସବୁଠୁ ବଡ କଥା, ଏକାଠି ହେବାର ମାଧ୍ୟମ ଉତ୍ସବ ବୋଲି ମୁଖ୍ୟଅତିଥି ଅମାତ ମତ ପ୍ରକାଶ କରିଥିଲେ ।

ଜିଲାପାଳ ବୃନ୍ଦା ଡି.ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସମ୍ମାନିତ ଅତିଥି ଭାବେ କନ୍ଧମାଳ ଏମ୍‌ପି ପ୍ରତ୍ୟୁଷା ରାଜେଶ୍ୱରୀ ସିଂ, ଫୁଲବାଣୀ ବିଧାୟକ ଦୁଗୁନୀ କହଁର, ଜି. ଉଦୟଗିରି ବିଧାୟକ ଯାକବ ପ୍ରଧାନ, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ରଦନ ମଲ୍ଲିକ, ଜିଲା ପରିଷଦ ଅଧ୍ୟକ୍ଷା ଆକାଂକ୍ଷା ପ୍ରଧାନ ପ୍ରମୁଖ ଯୋଗଦେଇ କନ୍ଧମାଳ ଜିଲାର ସଂସ୍କୃତି, ପରମ୍ପରା ଏବଂ ପର୍ଯ୍ୟଟନସ୍ଥଳୀ ଉପରେ ଆଲୋଚନା କରିଥିଲେ । ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା । ସୋମବାର ଓ ମଙ୍ଗଳାବର ପଲ୍ଲିଶ୍ରୀ ମେଳା ପର୍ଯ୍ୟନ୍ତ ଚାଲିବ । ମେଳାରେ ଜିଲା ତଥା ରାଜ୍ୟର ବହୁ ସ୍ୱୟଂ ସହାୟିକା ଗୋଷ୍ଠୀ ସେମାନଙ୍କ ଉତ୍ପାଦ ବିକ୍ରି କରୁଛନ୍ତି । ବହୁ ସଂଖ୍ୟାରେ ଲୋକେ ଘରକରଣା ସାମଗ୍ରୀଠାରୁ ଆରମ୍ଭ କରି ବିଭିନ୍ନ ଜିନିଷ କିଣୁଛନ୍ତି ।



ସାଂସ୍କୃତିକ ସଭାରେ ଉପସ୍ଥିତ ଅତିଥି ।

# ଗଛରେ କଣ୍ଟା ନ ମାରିବାକୁ ଆହ୍ୱାନ

**ବ୍ରହ୍ମପୁର ଅଫିସ,୨୦।୧**

ବ୍ରହ୍ମପୁର ସହରରେ ଥିବା ଗଛଗୁଡ଼ିକରେ କେତେକ ବ୍ୟବସାୟିକ ସଂସ୍ଥା ଏବଂ ଅନ୍ୟାନ୍ୟ ଅନୁଷ୍ଠାନ ବିଜ୍ଞାପନ ଫଳକ ମାରୁଥିଲେ । ଲୁହା କଣ୍ଟା ମାରିବା ସହ ତାର ଗୁଡ଼ାଇ ଗଛକୁ ନଷ୍ଟ କରୁଛନ୍ତି । ଫଳରେ ବହୁ ସଂଖ୍ୟାରେ ଗଛର ଅକାଳ ମୃତ୍ୟୁ ହୋଇଥିଲା । ଏହା ବିରୋଧରେ ଅଭିଯାନ ଆରମ୍ଭ କରିଛି 'ବ୍ରହ୍ମପୁର ସବୁଜ ବାହିନୀ' ନାମକ ଏକ ସଂଗଠନ । ଗତ ସେପ୍ଟେମ୍ବର ୨୩ ତାରିଖରୁ ଏହି ସଂଗଠନ ତରଫରୁ 'ମୁଁ ବି ବଞ୍ଚିବାକୁ ଚାହେଁ' ଅଭିଯାନ ଆରମ୍ଭ ହୋଇଛି । ବର୍ତ୍ତମାନ ସୁଦ୍ଧା ୧୭୪୬ ଗଛରୁ ୨୦୭୫ ଲୁହା କଣ୍ଟା, ୧୮୮ ତାର ଏବଂ ୨୫୧ ବିଜ୍ଞାପନ ଫଳକ ବାହାର କରାଯାଇଛି । ତଥାପି ସଚେତନତା ଅଭାବରୁ ଲୋକମାନେ ଗଛରେ କଣ୍ଟା ମାରୁଛନ୍ତି । ଫଳରେ ସହରବାସୀଙ୍କୁ ସଚେତନ କରିବା ପାଇଁ ପଦକ୍ଷେପ ନେଇଛି ସବୁଜ ବାହିନୀ । ସଚେନତା ବାର୍ତ୍ତା ଥିବା ଲିଫ୍‌ଲେଟ୍‌କୁ ରବିବାର ଖଲ୍ଲିକୋଟ କଲେଜ ପଡ଼ିଆରେ ଉନ୍ମୋଚନ କରାଯାଇଛି । ମୁଖ୍ୟଅତିଥି ଭାବେ ବ୍ରହ୍ମପୁର ବିଧାୟକ ଡା. ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ବ୍ରହ୍ମପୁର ମହାନଗର ନିଗମ କମିଶନର ଚକ୍ରବର୍ତ୍ତୀ ସିଂ ରାଠୋର୍, ବିଡ଼ିଏ ଅଧ୍ୟକ୍ଷ ସୁବାସ ମହାରଣା ଏବଂ ପ୍ରଫେସର ସଚ୍ଚିଦାନନ୍ଦ ପାଢୀ ଯୋଗ ଦେଇଥିଲେ । ବାରମ୍ବାର ବାତ୍ୟା ଯୋଗୁ ସହରରେ ଗଛ ସଂଖ୍ୟା କମୁଥିବା ବେଳେ ଥିବା ଗଛଗୁଡ଼ିକର ସୁରକ୍ଷା ପାଇଁ ଏଭଳି ମହତ ପଦକ୍ଷେପର ଆବଶ୍ୟକତା ରହିଥିଲା । ଗଛରେ କଣ୍ଟା ମାରିଲେ ଏକ ହଜାର ଟଙ୍କା ଜରିମାନା ଦେବାକୁ ପଡ଼ିବ । ବ୍ରହ୍ମପୁର ମହାନଗର ନିଗମ ଏନେଇ ଘୋଷଣା କରିଛି । ଆଗାମୀ ଦିନରେ ଏହି ଘୋଷଣାକୁ କାର୍ଯ୍ୟକାରୀ କରାଯିବ ବୋଲି ଅତିଥିମାନେ କହିଥିଲେ । ସବୁଜ ବାହିନୀ ଏଥି ପାଇଁ ପ୍ରଶଂସାଯୋଗ୍ୟ ବୋଲି ଅତିଥିମାନେ ପ୍ରକାଶ କରିଥିଲେ । ଜିଲା ଇକୋ କ୍ଲବ ସଂଯୋଜକ ଡ. ଶଙ୍କର ନାରାୟଣ ବେଜ୍ ଏହାକୁ ସଂଯୋଜନା କରିଥିବା ବେଳେ ସବୁଜ ବାହିନୀ ସଭାପତି ଶିବରାମ ପାଣିଗ୍ରାହୀ ଏଥିରେ ଅଧ୍ୟକ୍ଷତା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସବୁଜ ବାହିନୀର ସମ୍ପାଦକ ଏମ୍.ଦିଲ୍ଲୀପ କୁମାର, ଆଞ୍ଚଳିକ ବିକାଶ ପରିଷଦ ସଭାପତି ସାଗର କୁମାର ପାତ୍ର ଏବଂ ସମ୍ପାଦକ ବିଜେନ୍ଦ୍ର ମାଝି, ବର୍କିଂ ଓଡ଼ିଶାର ସମ୍ପାଦକ କବିରାଜ ଗୌଡ଼, ମାରୱାଡ଼ି ମହିଳା ସମିତି ସଭାନେତ୍ରୀ ମମତା ଚୌଧୁରୀଙ୍କ ସମେତ ବିଭିନ୍ନ ସଂଗଠନର କର୍ମକର୍ତ୍ତା ଏବଂ ବୁଦ୍ଧିଜୀବୀ ଯୋଗ ଦେଇଥିଲେ । ସବୁଜ ବାହିନୀର ସଦସ୍ୟମାନେ ସହର ସାରା ବୁଲି ସଚେତନତା ପତ୍ର ବାଣ୍ଟିଥିଲେ ।



ସଚେତନତା ଲିଫ୍‌ଲେଟ୍‌କୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା।୧୬ Press Regd. No. R.N. 21326/74 Postal Regd. No. BN/42/18-20. ବ୍ରହ୍ମପୁର, ସୋମବାର, ଜାନୁୟାରୀ ୨୧/୨୦୧୯ Berhampur, Monday, January 21/ 2019

# ସୁରକ୍ଷିତ ଫେରିଲେ ନିର୍ଯାତିତ ୩ ଶ୍ରମିକ

ପୁରୁଷୋତ୍ତମପୁର,୨୦।୧ (ଡି.ଏନ୍.ଏ.)

ତେଲେଙ୍ଗାନା ରାଜ୍ୟରେ ଫସି ରହିଥିବା ଗଞ୍ଜାମ ଜିଲା ପୁରୁଷୋତ୍ତମପୁର ବ୍ଲକ ତଥା ହିଞ୍ଜିଳି ଥାନା ଅନ୍ତର୍ଗତ ଅନ୍ତରିଗାଁ ପଞ୍ଚାୟତ କୋଳିଦାସପୁରର ୩ ଶ୍ରମିକ ଶୁକ୍ରବାର ସୁରକ୍ଷିତ ଭାବେ ଫେରିଛନ୍ତି। ତେବେ ସେମାନଙ୍କ ସୂଚନା ପ୍ରକାରେ ଏବେ ବି ଓଡ଼ିଶାର ପ୍ରାୟ ୧୦୦ ଶ୍ରମିକ ସେଠାରେ ଫସି ରହିଥିବା ଜଣାପଡିଛି। ବ୍ରହ୍ମପୁର, ଗୋଳନ୍ଥା ଓ କୋରାପୁଟ ଜିଲା ଉମରକୋଟ, ଝରଗାଁ ଅଞ୍ଚଳର ଏହି ଶ୍ରମିକମାନେ ତେଲେଙ୍ଗାନାରେ ନିର୍ଯାତିତ ହେବାରେ ଲାଗିଛନ୍ତି। କେତେଜଣ ଶ୍ରମିକ ସେଠାରେ ରୋଗାକ୍ରାନ୍ତ ଥିବା ସୂଚନା ଦେଇଛନ୍ତି।

ପ୍ରକାଶ ଯେ, ଗତ ମାସ ୯ ତାରିଖରେ ଚେନ୍ନାଇର ଗୁମୁଡିପଲୀକୁ ଦାଦନ ଖଟିବା ଲାଗି ଯାଉଥିଲେ। ରାସ୍ତାରେ ବିଜୱାଡା ଷ୍ଟେଶନ ଠାରେ ଥିବା ବେଳେ ୨ଜଣ ଅପରିଚିତ ବ୍ୟକ୍ତି ଆସି କାମ ଯୋଗାଇ ଦେବେ କହି ସେମାନଙ୍କୁ ନେଇ ଯାଇଥିଲେ। ସେମାନେ କୋଲାପୁର କ୍ରିଷ୍ଣାନଦୀ ମଧ୍ୟରେ ତମ୍ବୁ ଟାଣି ରଖି ଶ୍ରମିକମାନଙ୍କୁ ମାଛଧରା କାର୍ଯ୍ୟରେ ଲଗାଇ ନିର୍ଯାତନା ଦେଉଥିଲେ। ଏପରିକି ଶ୍ରମିକମାନଙ୍କ ମୋବାଇଲ ଫୋନ୍‌ରୁ ସିମ୍ କାଢ଼ି ନେଇଥିଲେ। କୌଶଳକ୍ରମେ କୋଳିଦାସପୁର ଜଣେ ଶ୍ରମିକ ବାହାରକୁ ଆସି ସେଠାକାର ଜଣେ ବ୍ୟକ୍ତିଙ୍କ ମୋବାଇଲ ଫୋନ ଦ୍ୱାରା ଘଟଣା ସମ୍ପର୍କରେ ପରିବାର ଲୋକଙ୍କୁ ଜଣାଇଥିଲେ। ଏହାକୁ ନେଇ ଶ୍ରମିକଙ୍କ ପରିବାର ଲୋକେ ହିଞ୍ଜିଳି ଥାନା ଓ ଛତ୍ରପୁରସ୍ଥିତ ଜିଲା ଶ୍ରମ ବିଭାଗର ଦ୍ୱାରସ୍ଥ ହୋଇଥିଲେ ସୁଦ୍ଧା କେହି ଗୁରୁତ୍ୱ ଦେଇ ନ ଥିଲେ। ଏ ନେଇ ୧୪ ତାରିଖରେ ଧରିତ୍ରୀରେ ଖବର ପ୍ରକାଶ ପାଇବା ପରେ ପ୍ରଶାସନର ଚେତା ପଶିଥିଲା। ଶ୍ରମିକଙ୍କ ପରିବାର ଲୋକେ ଛତ୍ରପୁର ଯାଇ ଜିଲାପାଳଙ୍କୁ ଭେଟି ଗୁହାରି ଜଣାଇଥିଲେ। ଜିଲାପାଳଙ୍କ ନିର୍ଦ୍ଦେଶ ପ୍ରକାରେ ଶ୍ରମ ବିଭାଗ ତେଲେଙ୍ଗାନା ପୋଲିସକୁ ଜଣାଇଥିଲା। ତେଲେଙ୍ଗାନା ପୋଲିସ୍ ଘଟଣାସ୍ଥଳକୁ ଯାଇ କୋଳିଦାସପୁର ଶ୍ରୀରାମନଗର ସାହିର ୩ ଶ୍ରମିକ ହୀନ ବେହେରା, ଟୁକୁନା ବେହେରା ଓ ସନ୍ତୋଷ ନାହାକଙ୍କୁ ଉଦ୍ଧାର କରି ଗ୍ରାମକୁ ପଠାଇଛି। ସେମାନେ କହିଛନ୍ତି ଯେ, ଫସି ରହିଥିବା ଅନ୍ୟ ଶ୍ରମିକମାନଙ୍କୁ ଭଲ କରି ଖାଇବାକୁ ଦିଆଯାଉ ନାହିଁ। ୧୨ଘଣ୍ଟା କାଳ ନଦୀରୁ ମାଛଧରା କାର୍ଯ୍ୟରେ ଲଗାଯାଇଛି। ମାସିକ ୧୨ ହଜାରରୁ ୧୪ ହଜାର ଟଙ୍କା ପର୍ଯ୍ୟନ୍ତ ଦେବେ ବୋଲି ମାଲିକ କହିଥିଲେ ମଧ୍ୟ ମାତ୍ର ହଜାରେ ଟଙ୍କା ଓ ଟ୍ରେନ୍ ଟିକେଟ ଦେଇ ଗ୍ରାମକୁ ଛାଡ଼ିଛନ୍ତି।


ପରିବାର ଲୋକଙ୍କ ସହ ଉଦ୍ଧାର ହୋଇଆସିଥିବା ଶ୍ରମିକମାନେ।

**ତେଲେଙ୍ଗାନାରେ ଫସିଛନ୍ତି ଆଉ ଶହେ**

ବାବା ପାତାଳେଶ୍ୱର କ୍ରିକେଟ ଟୁର୍ନାମେଣ୍ଟ

# ବେଲଗୁଣ୍ଠା ଟିମ୍ ଚାମ୍ପିୟନ

ଆସିକା,୨୦।୧(ଡି.ଏନ୍.ଏ.)

ଆସିକା ବ୍ଲକ କେନ୍ଦୁପଦର ପଞ୍ଚାୟତ ଚାଟୁଳା ଗ୍ରାମରେ ଚାଲିଥିବା ବାବା ପାତାଳେଶ୍ୱର କ୍ରିକେଟ ଟୁର୍ନାମେଣ୍ଟରେ ବେଲଗୁଣ୍ଠା ଟିମ ଚାମ୍ପିୟନ ହୋଇଛି। ରବିବାର ବେଲଗୁଣ୍ଠା ଓ ପାଣ୍ଡିଆପଥର ଟିମ ମଧ୍ୟରେ ଫାଇନାଲ ମ୍ୟାଚ୍ ହୋଇଥିଲା। ଟସ୍ ଜିଣି ପାଣ୍ଡିଆପଥର ଟିମ ବ୍ୟାଟିଂ ଆରମ୍ଭ କରି ୧୪.୪ ଓଭରରେ ସମସ୍ତ ଉଇକେଟ ହରାଇ ୫୯ ରନ୍ କରିଥିଲା। ଜବାବ୍‌ରେ ବେଲଗୁଣ୍ଠା ଟିମ ମାତ୍ର ୫ ଓଭର୍‌ରେ ୬୦ ରନ୍ କରି ବିଜୟୀ ହୋଇଛି। ବେଲଗୁଣ୍ଠା ଟିମର କାହ୍ନା ରଣା ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଓ ପାଣ୍ଡିଆପଥର ଟିମର ପ୍ରଫୁଲ୍ଲ ସ୍ୱାଇଁ ମ୍ୟାଚ୍ ଅଫ୍ ଦି ସିରିଜ୍ ବିବେଚିତ ହୋଇଥିଲେ। ଯୁବ ନେତା ଟୁଟୁ ମଳିକଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ରାଜେଶ ଜେନା, ସନ୍ତୋଷ ସ୍ୱାଇଁ, ସନ୍ତୋଷ ଖଟେଇ, ସୁଦାମ ଦୋରା, ଚିନ୍ମୟ ଖଟେଇ ଓ ବିଦେଶୀ ଖଟେଇ ଖେଳ ପରିଚାଳନା କରିଥିଲେ। ଉଦ୍‌ଯାପନୀ ସମାରୋହରେ ଆସିକା ବ୍ଲକ ଅଧ୍ୟକ୍ଷ ହରେକୃଷ୍ଣ ମଳିକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଟିମକୁ ଟ୍ରଫି ସହ ୨୦ ହଜାର ଟଙ୍କା ଓ ରନର୍ସ ଟିମକୁ ଟ୍ରଫିସହ ୧୫ ହଜାର ଟଙ୍କା ଦେଇଥିଲେ।

# ଚିନିଶିଳ୍ପ ବଏଲରରେ ଅଗ୍ନି ସଂଯୋଗ

**ଆସିକା,୨୦।୧(ଡି.ଏନ୍.ଏ.):** ଆସିକା ସମବାୟ ଚିନି ଶିଳ୍ପର ଚଳିତବର୍ଷ ଲାଗି ଆଖୁପେଡ଼ା କାର୍ଯ୍ୟ ସପ୍ତାହକ ମଧ୍ୟରେ ଆରମ୍ଭ ହେବ। ଏଥିପାଇଁ ରବିବାର ଚିନିଶିଳ୍ପ ବଏଲରରେ ଅଗ୍ନି ସଂଯୋଗ କରାଯାଇଛି। ପୂର୍ବ ଯୋଜନା ମୁତାବକ କାରଖାନା ସଭାପତି ବିପିନ ବିହାରୀ ପାତ୍ର, ପରିଚାଳନା ନିର୍ଦ୍ଦେଶକ ଲକ୍ଷ୍ମୀକାନ୍ତ ବେହେରା, ପରିଚାଳନା ପରିଷଦର ସଦସ୍ୟ ଓ କର୍ମଚାରୀଙ୍କ ଉପସ୍ଥିତିରେ ପୂଜାର୍ଚ୍ଚନା କରାଯାଇ ଅଗ୍ନି ସଂଯୋଗ ହୋଇଛି। ଆସନ୍ତା ବୁଧବାରଠାରୁ ଆନୁଷ୍ଠାନିକ ଭାବେ ଆଖୁପେଡ଼ା ଆରମ୍ଭ କରିବା ଲାଗି ଯୋଜନା ପ୍ରସ୍ତୁତ ହୋଇଛି। ଚଳିତବର୍ଷ କାରଖାନା ପକ୍ଷରୁ ୨୧୯୫.୬୫ ଏକର ଜମିରେ ଆଖୁଚାଷ କରାଯାଇଛି। ସେଥିରୁ ସମୁଦାୟ ୯୦ ହଜାର ଟନ୍ ଆଖୁ ପେଡ଼ାଯିବା ଲକ୍ଷ୍ୟ ରହିଛି। ଦୈନିକ ୧୫ ଟନ୍ ଆଖୁ ପୋଡ଼ାଯିବ। ଏହା ୨ ମାସ ପର୍ଯ୍ୟନ୍ତ ଚାଲିବ। ସୂଚନାଯୋଗ୍ୟ, ଗତ ଶୁକ୍ରବାର ବ୍ରଏଲରର ଅଗ୍ନି ସଂଯୋଗ ଲାଗି ବ୍ୟବସ୍ଥା କରାଯାଇଥିଲା। କିନ୍ତୁ ଉକ୍ତ ଦିନ ଆଖୁଚାଷୀ ଓ କାରଖାନା କର୍ମଚାରୀଙ୍କ ପକ୍ଷରୁ ବିଭିନ୍ନ ଦାବି ନେଇ ପୃଥକ ସମାବେଶ କରାଯିବାରୁ ଏହା ସମ୍ଭବ ହୋଇପାରି ନ ଥିଲା। ପରେ ଗଞ୍ଜାମ ଜିଲାପାଳଙ୍କ ସହ ଆଲୋଚନା ପରେ ସମସ୍ୟା ସମାଧାନ ହୋଇଛି।









2-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar. Published at 11/2, Industrial Estate, Berhampur, Editor - Tathagata Satpathy, ସମ୍ପାଦକ–ତଥାଗତ ସତପଥୀ